୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

Vol.27. No.164 Bhubaneswar Sunday August 10 2025 | ୨୭ତମ ବର୍ଷ ସଂଖ୍ୟା–୧୬୪ ଭୁବନେଶ୍ୱର ରବିବାର, ଅଗଷ୍ଟ ୧୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଅପରାଧ ନିୟନ୍ତ୍ରଣ ପାଇଁ ୧୪ ପର୍ଯ୍ୟନ୍ତ ଚାଲିବ ଓଡିଶା ପୁଲିସର 'ଅପରେସନ୍ ଗରୁଡ'



ଭୁବନେଶ୍ୱର,୯।୮(ପି.ଏନ): ରାଜ୍ୟରେ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ରାଜ୍ୟ ପୁଲିସ ପକ୍ଷରୁ 'ଅପରେସନ୍ ଗରୁଡ' ଆରମ୍ଭ ହୋଇଛି । ଏହା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବ । ସବୁ ଜିଲ୍ଲା ପୁଲିସ ଏସପିଙ୍କ ନେତୃତ୍ୱରେ ଏହି ଅପରେସନ୍ ଗରୁଡ ଚଳିତମାସ ୧ତାରିଖରୁ ଆରମ୍ଭ ହୋଇଛି । ରାଜ୍ୟ ପୁଲିସ ଏଡିଜି(ଆଇନଶୃଙ୍ଖଳା) ସଞ୍ଜୟ କୁମାର ଆଜି ଏହି ସୂଚନା ଦେଇଛନ୍ତି ।ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ କୁମାର କହିଛନ୍ତି ଯେ, ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଅଗଷ୍ଟ ୧ ତାରିଖରେ ଏହି ଅପରେସନ୍ ଗରୁଡ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।ଏହି ଅପରେସନର ପ୍ରଥମ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ବୋଲି ସେ କହିଛନ୍ତି ।

## ଖୁବଶୀଘ୍ର ରାଜ୍ୟରେ ନିଯୁକ୍ତ ହେବେ ନିଗମ ଓ ବୋର୍ଡ ମୁଖିଆ



ଭୁବନେଶ୍ୱର,୯।୮(ପି.ଏନ): ଖୁବ୍ ଶୀଘ୍ର ଆସିବ ବିଜେପି ସରକାରରେ ନିଗମ, ବୋର୍ଡର ପ୍ରଥମ ତାଲିକା। ଅଗଷ୍ଟ ୧୫ରୁ ଅଗଷ୍ଟ ୨୦ ମଧ୍ୟରେ ତାଲିକା ଆସିପାରେ ବୋଲି ରାଜ୍ୟ ସଭାପତି ଦେଲେ ସୂଚନା। କାହାକୁ କେଉଁ ପଦରେ ଥଇଥାନ କରାଯିବ, ତାର ଖସଡା ପ୍ରସ୍ତୁତ ହେଉଛି। ଦଳୀୟ ଆନୁଗତ୍ୟ, ଦକ୍ଷତା, ଅଭିଜ୍ଞତା ହେବ ମାପକାଠି। ନିଗମ, ବୋର୍ଡ ସହ ରାଜ୍ୟ ବିଜେପି ଟିମ୍ ବ ଖୁବ୍ ଶୀଘ୍ର ଗଢାଯିବ। କେଉଁମାନେ ସଙ୍ଗଠନ ପାଇଁ କାମ କରିବେ, କେଉଁମାନେ ସରକାରଙ୍କ ସହ ରହିବେ, ତାର ତାଲିକା ଏକ ପ୍ରକାର ପ୍ରସ୍ତୁତ ହୋଇସାରିଛି। ତେବେ ନିଗମ ଓ ବୋର୍ଡ ତାଲିକା ଦିଲ୍ଲୀରେ ନୁହେଁ, ଭୁବନେଶ୍ୱରରେ ପ୍ରସ୍ତୁତ ହେବ ବୋଲି କହିଛନ୍ତି ମନମୋହନ। ଦିଲ୍ଲୀରେ ପ୍ରତି ବୁଧବାର ସାଂସଦମାନଙ୍କ ସହ ଆଲୋଚନାର କାର୍ଯ୍ୟକ୍ରମ ଥାଏ। ଏଥର ଦିଲ୍ଲୀ ଗସ୍ତରେ ଥିବାରୁ ସାଂସଦମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲେଚନା ହୋଇଛି ବୋଲି ସଭାପତି କହିଛନ୍ତି ।ରାଜ୍ୟରେ ମୋଟ ୫୬ଟି ନିଗମ ଥିବା ବେଳେ କିଛି ନିଗମରେ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିରୁ ୪୦ଟି ନିଗମ ଏବଂ ବୋର୍ଡରେ ରାଜନୈତିକ ନିଯୁକ୍ତି ଦିଆଯିବ। ଦଳର ବରିଷ୍ଠ କର୍ମକର୍ତ୍ତା, ଛାମୁଆ ନେତାଙ୍କ ସହ କିଛି ବିଧାୟକଙ୍କ ନଜର ବି ନିଗମ ବୋର୍ଡ ଉପରେ ରହିଛି। ଚଳଚ୍ଚିତ୍ର ନିଗମ, ଅର୍ଥ ନିଗମ, କାଜୁ ନିଗମ, ଖଦୀ ବୋର୍ଡ, ହାଉସିଂ ବୋର୍ଡ, ବିହନ ନିଗମ, ପର୍ଯ୍ୟଟନ ନିଗମ ଭଳି ଲାଭଜନକ ସଂସ୍ଥା ଉପରେ ରହିଛି ଆଶାୟୀଙ୍କ ନଜର। ମହିଳା ବିକାଶ ନିଗମ, ବନ ନିଗମ, କ୍ଷୁଦ୍ର ଶିଳ୍ପ ନିଗମ, ଉଠା ଜଳସେଚନ ନିଗମ, ପଣ୍ୟାଗାର ନିଗମ ଭଳି ସଂସ୍ଥା ହାତେଇବାକୁ ନେତାମାନେ ଆଶା କରିଛନ୍ତି। ସଙ୍ଗଠନରେ ୩୩ ପ୍ରତିଶତ ମହିଳାଙ୍କ ଭଳି ସରକାରରେ ମହିଳାଙ୍କ ଭାଗିଦାରୀ ବଢିବ ବୋଲି ମହିଳା ମୋର୍ଚ୍ଚା ମୁଖ୍ୟ ଆଶା ରଖିଛନ୍ତି। ନିଜ ଟିମ୍ ଗଢିବା ସହ ନିଗମ ଓ ବୋର୍ଡ ନିଯୁକ୍ତି ଦଳ ପାଇଁ ସଭାପତିଙ୍କ ପାଇଁ ବଡ ଆହ୍ୱାନ। ଅସନ୍ତୁଷ୍ଟଙ୍କୁ ମନାଇବା, ପରାଜିତ ପ୍ରାର୍ଥୀଙ୍କୁ ଥଇଥାନ କରିବା ଯେତିକି ଗୁରୁତ୍ୱ ବହନ କରୁଛି, ଦଳୀୟ ଆନୁଗତ୍ୟ ସହିତ ଦକ୍ଷତା ଓ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେବା ସେତିକି ଜରୁରୀ।

## ଭୁବନେଶ୍ୱରରେ ଘରୋଇ ହସ୍ପିଟାଲରେ ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ



ଭୁବନେଶ୍ୱର,୯।୮(ପି.ଏନ): ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ହସ୍ପିଟାଲ୍‌ରେ ଜଣେ ନର୍ସଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି।୨୨ ବର୍ଷୀୟା ଏହି ନର୍ସଙ୍କ ଘର ଗଞ୍ଜାମ ଜିଲ୍ଲାର ପାଟପୁର ଅଞ୍ଚଳରେ। ଗତକାଲି ତାଙ୍କର ନାଇଟ୍ ଡ୍ୟୁଟି ଥିଲା। ଡ୍ୟୁଟି ସାରି ଆଜି ସକାଳେ ସେ ତାଙ୍କ ଗାଁକୁ ଯାଇଥା'ନ୍ତେ ଭାଇକୁ ରାକ୍ଷୀ ବାନ୍ଧିବାକୁ। କିନ୍ତୁ ରାତି ପ୍ରାୟ ସାଢେ ୩ଟାରୁ ୪ଟା ଭିତରେ ପରିବାର ଲୋକେ ଖବର ପାଇଲେ ଯେ ହସ୍ପିଟାଲର ୱାଶ୍ ରୁମ୍‌ରେ ପଡି ତାଙ୍କ ଅବସ୍ଥା ଗୁରୁତର ହୋଇପଡିଛି। ତେବେ ଘର ଲୋକେ ପହଞ୍ଚିଲା ବେଳକୁ ଡାକ୍ତରଖାନାରେ ରଖାଯାଇଥିଲା ତାଙ୍କ ମୃତଦେହ। ମୃତ ନର୍ସଙ୍କ ଭାଇ କହିଛନ୍ତି, ରାତି ପ୍ରାୟ ସାଢେ ଗୋଟାଏ ବେଳେ ଏହି ଘଟଣା ଘଟିଛି। କିନ୍ତୁ ଘଟଣା ଘଟିବାର ପ୍ରାୟ ୨ ଘଣ୍ଟା ପରେ ଆମକୁ ସୂଚନା ଦିଆଯାଇଥିଲା। ୱାଶ୍‌ରୁମ୍‌ରେ ପଡି ସେ ଚେତା ହରାଇଥିବା ଆମକୁ କୁହାଯାଇଥିଲା। କିନ୍ତୁ ଆମେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଖାନା ପକ୍ଷରୁ ଆମକୁ କୁହାଯାଇଥିଲା ଯେ ୱାଶ୍‌ରୁମ୍‌ରେ ସେ ପଡିଯିବାରୁ ମାଡ ହୋଇ ଏମିତି ଏକ ଘଟଣା ଘଟିଯାଇଛି। ପୁଲିସ୍ ଆସି ଘଟଣାସ୍ଥଳରେ ଯାଞ୍ଚ କରିଥିଲା। ପୁଲିସ୍‌କୁ ଗୋଟିଏ କାଗଜ ଓ ଗୋଟିଏ ସିରିଞ୍ଜି ମିଳିଥିଲା। ସେହି କାଗଜରେ ସେ (ମୃତ ନର୍ସ) ଆତ୍ମହତ୍ୟା କଥା ଲେଖିଥିବା ପୁଲିସ୍ କହୁଛି। ତେବେ ପୁଲିସ୍ ଆମକୁ ସେହି ପେପର ଦେଇନି। ଉପର ଅଧିକାରୀଙ୍କୁ ପଚାରିବା ପରେ ତା'ର ଫଟୋ ଉଠାଇ ଆମକୁ ପଢ଼ିବାକୁ ଦିଆଯିବ ବୋଲି କୁହାଯାଇଥିଲା। ତେବେ ପୁଲିସ୍ ସେହି ପେପରର ଯେଉଁ ଫଟୋ ଉଠାଇଥିଲା, ତାହାକୁ ଆମକୁ ଦେଖାଇଥିଲା ହସ୍ତାକ୍ଷର ଚିହ୍ନିବାକୁ ।ସେହି ହସ୍ତାକ୍ଷର ମୋ ଭଉଣୀର ହସ୍ତାକ୍ଷର ସହିତ ପ୍ରାୟ ମିଶିଯାଉଛି। ପୁଲିସ୍ ଆମକୁ ଜବତ କରିଥିବା ସିରିଞ୍ଜି ଦେଖାଇଥିଲା। ସେହି ସିରିଞ୍ଜିରେ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆମେ ମୃତଦେହ ଦେଖିଛୁ। ତା' ହାତରେ ସିରିଞ୍ଜି ଫୋଡାଯିବାର ଦାଗ ରହିଛି। ସେ ଆହୁରି କହିଛନ୍ତି, ମୋ ଭଉଣୀ ଆତ୍ମହତ୍ୟା କରିଥିବା କୁହାଯାଉଛି। ସେ କାହିଁକି ଆତ୍ମହତ୍ୟା କଲା ଆମେ ଜାଣିନୁ। ସୁଇସାଇଡ୍ ନୋଟ୍ ପଢ଼ିଲେ ଯାହା କିଛି ଜଣାପଡିବ। ସେ ହଷ୍ଟେଲରେ ବି ଆତ୍ମହତ୍ୟା କରିପାରିଥା'ନ୍ତା। ଡାକ୍ତରଖାନାରେ କାହିଁକି କଲା ମୃତ ନର୍ସଙ୍କ ଜଣେ ସଂପର୍କୀୟ କହିଛନ୍ତି ଯେ ତାଙ୍କର ଲଗାତାର ୫ ଦିନ ହେଲା ନାଇଟ୍ ଡ୍ୟୁଟି ପଡୁଥିଲା। ଛୁଟି ମିଳି ନଥିଲା। ଆଜି ସକାଳେ ସେ ଡ୍ୟୁଟି ସାରି ଗାଁକୁ ଯାଇଥା'ନ୍ତେ ଭାଇକୁ ରାକ୍ଷୀ ପିନ୍ଧାଇବାକୁ ।ଘଟଣାର ନିରପେକ୍ଷ ତଦନ୍ତ କରି ମୃତ ନର୍ସଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ତାଙ୍କ ପରିବାର ଲୋକେ ପୁଲିସ୍‌କୁ କହିଛନ୍ତି।

## ଜନଜାତିଙ୍କ ବିକାଶରେ ଲାଗି ଚାଲିଛି ବ୍ରେକ, ନବୀନ ଦେଇଥିବା ସୁବିଧା ସବୁ ବନ୍ଦ




ଭୁବନେଶ୍ୱର,୯।୮(ପି.ଏନ): ଆଦିବାସୀଙ୍କୁ ସବୁ ସାହାଯ୍ୟ ସହଯୋଗ ଦେଉଥିଲେ ନବୀନ । ଆଦିବାସୀଙ୍କ ବିକାଶ ଥିଲା ନବୀନ ସରକାର ପ୍ରମୁଖ ଲକ୍ଷ୍ୟ । ଜଙ୍ଗଲଜମି ଅଧିକାର, ଶିକ୍ଷା, ଷ୍ଟାଇପେଣ୍ଡକୁ ଦେଇଥିଲେ ଅଗ୍ରାଧିକାର । ବିଜେପି ସରକାର ଆସିଲା ପରେ ସବୁ କରିଛି ବନ୍ଦ । ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଶଂଖଭବନରେ ସରକାରଙ୍କୁ ଏପରି ଟାର୍ଗେଟ କରିଛନ୍ତି ବିଜେଡି ନେତା । ନବୀନ ସରକାର ସବୁ ଜିଲ୍ଲାରେ ୬ ଲକ୍ଷରୁ ଅଧିକ ଜଙ୍ଗଲ ଜମି ଆଦିବାସୀଙ୍କୁ ଲିଜରେ ଦେଇଥିଲେ । ହେଲେ ଗତ ଏକ ବର୍ଷ ଭିତରେ ବିଜେପି ସରକାର ଏହାକୁ ବନ୍ଦ କରି ଦେଇଛନ୍ତି । ଯେଉଁ ଷ୍ଟାଇପେଣ୍ଡ ବୃଦ୍ଧି କରିଥିଲେ ନବୀନ ପଟ୍ଟନାୟକ, ତାକୁ ବି କାଟି ଦିଆଯାଇଛି । ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ପାଇଁ ବିଜେଡି ଦାବି ଶାଣିତ କରିଛି । ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ବିଜେପି, ତାହା ଭୁଲି ଯାଇଥିବା ନେଇ ଅନୁଭବ କରିଛି ବିଜୁ ଜନତା ଦଳ । ଆଦିବାସୀ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆଦିବାସୀ ଦିବସ ପାଳନ ହୋଇଥାଏ । ନବୀନ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଆଦିବାସୀମାନଙ୍କୁ ଶିକ୍ଷିତ କରିବାକୁ ୧୭ ଜିଲ୍ଲାରେ ଅନ୍ୱ?ଷା ଯୋଜନା ଆରମ୍ଭ କରିଥିଲେ । ହେଲେ ବିଜେପି ସରକାର ଗତ ଦୁଇ ବର୍ଷରୁ ନାମଲେଖା ନ କରାଇ ଯୋଜନା ବନ୍ଦ କରିବାକୁ ଷଡଯନ୍ତ୍ର କରିଥିବା ବିଜେଡି ଅଭିଯୋଗ କରିଛି । ଗତ ଏକ ବର୍ଷ ଭିତରେ ଆଦିବାସୀ ଝିଅ ଦୁଷ୍କର୍ମର ଶୀକାର ହେଉଥିବାବେଳେ ଆଦିବାସୀ ବିରୋଧୀ ଅତ୍ୟାଚାର ବଢି ଚାଲିଛି । ସରକାର ସଚେତନ ନ ହେଲେ ବିରାଟ ଆଦିବାସୀ ଆନ୍ଦୋଳନର ଚେତାବନୀ ଦେଇଛି ବିଜେଡି । ନବୀନ ପଟ୍ଟନାୟକ ସରକାର ସମୟରେ ଆଦିବାସୀ ପାଇଥିବା ଜଙ୍ଗଲ ଜମି ଅଧିକାର ଅନ୍ୟାନ୍ୟ ଆଦିବାସୀ ଅଧ୍ୟୁଷିତ ରାଜ୍ୟଠାରୁ ଅଧିକ । ତାଙ୍କ ସମୟରେ ତିନୋଟି ମେଡିକାଲ କଲେଜ ବିଶିଷ୍ଟ ଆଦିବାସୀ ନେତାଙ୍କ ନାଁରେ ନାମିତ କରାଯାଇଥିଲା । ହକିର ବିକାଶ ପାଇଁ ଦେଶର ସବୁଠାରୁ ବଡ଼ ହକି ଷ୍ଟାଡିଅମ ବିର୍ସା ମୁଣ୍ଡାଙ୍କ ନାଁରେ ରାଉରକେଲାରେ କରିଥିଲେ ନବୀନ । ଯେଉଁ ହୋ, ଭୂମିଜ ଓ ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଛେଦରେ ସ୍ଥାନ ଦେବାକୁ ବିଜେଡି ଦାବି କରି ଆସୁଛି, ତାକୁ ଏଯାଏଁ ପୂରଣ କରାଯାଇନାହିଁ । ବିଭିନ୍ନ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବାରେ ବି ସରକାର ପଛଘୁଞ୍ଚା ଦେଉଛନ୍ତି । ପୋଲାଭରମରେ ମୋଟୁର ଆଦିବାସୀ କ୍ଷତି ସହିବେ । ହେଲେ ଆନ୍ଧ୍ର ପ୍ରଦେଶକୁ ସୁହାଇବା ପରି କାମ କରୁଛନ୍ତି ସରକାର । କୋଟିଆକୁ ମଡେଲ ପଂଚାୟତ କରିଥିଲେ ନବୀନ । ହେଲେ ସୀମା ବିବାଦ ଦୂର କରି ପାରୁ ନାହାନ୍ତି ବିଜେପି ସରକାର । ବିଶ୍ୱ ଆଦିବାସୀ ଦିବସ ଅବସରରେ ଶଂଖ ଭବନରେ ପାରମ୍ପରିକ ନାଚଗୀତର ଆସର ଜମିଥିଲା । ବିଭିନ୍ନ ସମ୍ପ୍ରଦାୟର ଆଦିବାସୀମାନଙ୍କ ସହ ବିଜେଡି ନେତା ବି ଏଥିରେ ସାମିଲ ହୋଇଥିଲେ । ଆଦିବାସୀ କଳାକାରଙ୍କ ସହ ବିଜେଡି ନେତା ବି ନାଚଗୀତରେ ନିଜକୁ ହଜାଇ ଦେଇଥିଲେ । ଆଉ ଚଳିତ ବର୍ଷ ବିଶ୍ୱ ଆଦିବାସୀ ଦିବସର ଥିମ ହେଉଛି ସାମଗ୍ରିକ ବିକାଶ ଜରିଆରେ ଆଦିବାସୀଙ୍କ ସମଷ୍ଟିଗତ ସଶକ୍ତିକରଣ । ହେଲେ ଯେଉଁ ପରି ଆଦିବାସୀଙ୍କ ବିକାଶରେ ବ୍ରେକ ଲାଗି ଚାଲିଛି, ତାହା ପୁଣି ଥରେ ଆଦିବାସୀଙ୍କୁ ମୁଖ୍ୟସ୍ରୋତରୁ ଦୂରେଇ ଦେବା ନେଇ ଚର୍ଚ୍ଚା ଜୋର ଧରିଛି ।

## ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଭାସୀ ମାଧ୍ୟମରେ କ୍ରାନ୍ତିଦିବସ ପାଳିତ

ଭୁବନେଶ୍ୱର,୯।୮(ପି.ଏନ): ଆଜି କ୍ରାନ୍ତି ଦିବସ ଉପଲକ୍ଷେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଭାସୀ ମାଧ୍ୟମରେ କ୍ରାନ୍ତି ଦିବସ ପାଳନ କରାଯାଇଛି । ବିଧାୟକ ଡ. ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ଉପସଭାପତି ସଂଜୟ କୁମାର ଦାସବର୍ମା ଓ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେବା ସହିତ ବହୁ ଯୁବ ଓ ଛାତ୍ର ନେତାମାନେ ଯୋଗ ଦେଇଥିଲେ ।ଏହି ଅବସରରେ ଶ୍ରୀ ଦାସବର୍ମା, ଦେଶରୁ ଇଂରେଜମାନଙ୍କୁ ହଟାଇ ସ୍ୱାଧୀନତା ଆଣିଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ । ସେମାନଙ୍କ ବୀରତ୍ୱ ତଥା ବଳିଷ୍ଠ ତ୍ୟାଗ ଯୋଗୁ ଦେଶ ସ୍ୱାଧୀନତା ହାସଲ କରିଥିଲା । ପୂର୍ବପୁରୁଷ ମାନଙ୍କୁ ସମ୍ମାନ ଜଣାଇ ଆମ ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ । ସେହିପରି ଶ୍ରୀ ଦାସ କହିଥିଲେ, ରାଜ୍ୟରେ ଦିନକୁ ଦିନ ଛାତ୍ରୀ ଓ ନାରୀ ବିରୋଧୀ ହିଂସା ଘଟଣା ଅହେତୁକ ଭାବରେ ବଢିବାରେ ଲାଗିଛି । ଯାହା ଆମ ସମସ୍ତଙ୍କୁ ଚିନ୍ତିତ କରିଛି । ରାଜ୍ୟ ସରକାରଙ୍କ ଅପାରଗତା ଓ ପୋଲିସ ପ୍ରଶାସନ ନିଷ୍କ୍ରିୟତା ଯୋଗୁଁ, ଗୋପାଳପୁର, ବଳଙ୍ଗା, ବାଲେଶ୍ୱର ଓ କେନ୍ଦ୍ରାପଡା ଭଳି ସ୍ଥାନରେ ଆଇନ କାନୁନର ଖୋଲା ଉଲ୍ଲଂଘନ କରି ଅପରାଧୀମାନେ ଅପରାଧ ଘଟାଉଛନ୍ତି । କିନ୍ତୁ ରାଜ୍ୟ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ଗୋଟିଏ ସଜାଗ, ଦାୟିତ୍ୱପୂର୍ଣ୍ଣ ତଥା ପ୍ରମୁଖ ବିରୋଧୀ ଦଳ ହିସାବରେ ବିଜେଡି ଆଗାମୀ ଦିନରେ ରାଜ୍ୟ ସରକାରଠାରୁ ଏହାର ଉତ୍ତର ଆଶା କରିବା ସହ ଯେପର୍ଯ୍ୟନ୍ତ ରାଜ୍ୟରେ ଆଇନ ଶୃଙ୍ଖଳା ସୁଧୁରୁନି ସେ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଯୁବ ଓ ଛାତ୍ର ନେତାମାନେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ ।

## ବିପଦରେ ସ୍କୁଲ ଶିକ୍ଷା, ପ୍ରାଥମିକ ଏବଂ ସଂସ୍କୃତ ଶିକ୍ଷକ ସମସ୍ତେ ସଂକଟରେ



ଭୁବନେଶ୍ୱର,୯।୮(ପି.ଏନ): ପ୍ରାଥମିକ ଶିକ୍ଷାରୁ ସ୍କିମଟିକ ନିଯୁକ୍ତି ହଟାଇ ନିୟମିତ ଶିକ୍ଷକ ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ ଚିଠି ହେଲା। ସ୍କୁଲ ଗୁଡିକରେ ଖାଲି ପଡିଥିବା ଶିକ୍ଷକ ନିଯୁକ୍ତି ପାଇଁ ମଧ୍ୟ ନିଷ୍ପତ୍ତି ହେଲା। କିନ୍ତୁ ନିଷ୍ପତ୍ତି ହେବାର ଦିନ କେଇଟା ନ ପୁରୁଣୁ ଏହାକୁ ପ୍ରତ୍ୟାହାର କରାଗଲା। ଯାହାକୁ ନେଇ ଏବେ ପ୍ରାଥମିକ ଶିକ୍ଷକ ମାନଙ୍କ ଠାରୁ ଆରମ୍ଭ କରି ସାରା ରାଜ୍ୟରେ ଅସନ୍ତୋଷର ସ୍ୱରକୁ ଜନ୍ମ ଦେଇଛି। ଠିକ ସେଭଳି ଢଙ୍ଗରେ ଧନ୍ଦାମୂଳକ ଶିକ୍ଷା ନାଁ ରେ ସ୍କୁଲ ଗୁଡିକରେ ଦେବ ଭାଷା ସଂସ୍କୃତକୁ ଲୋପ କରିବାର ଯୋଜନା କରାଯାଉଥିବା ଅଭିଯୋଗ ହେଲା। କିନ୍ତୁ ସେପଟେ ସରକାର ସାରା ରାଜ୍ୟରେ ଶିକ୍ଷାନୁଷ୍ଠାନ ଗୁଡିକରେ ସଂସ୍କୃତ ସପ୍ତାହ ପାଳନ ପାଇଁ ଚିଠି କରିଛନ୍ତି। ତେଣୁ ସରକାରଙ୍କ ଏସବୁ ଦ୍ୱନ୍ଦାତ୍ମକ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶିକ୍ଷକ ସଂଘ ଓ ରାଜନୈତିକ ସଂଗଠନ। ସଂସ୍କୃତ ଭାଷାକୁ ହତାଦର କରାଯାଉଥିବା ଅଭିଯୋଗ ହେବା ପରେ ସଂସ୍କୃତ ସପ୍ତାହ ପାଳନ ପାଇଁ ଚିଠି କରାଯିବା ଏକ ଲୋକଦେଖାଣିଆ ନିଷ୍ପତ୍ତି ବୋଲି ଅଭିଯୋଗ ହୋଇଛି। ସମାଜର ମେରୁଦଣ୍ଡ ଶିକ୍ଷା ସହିତ ଏମିତି ଲୁଚକାଳି ଖେଳ ନ ଖେଳିବାକୁ ରାଜନୈତିକ ଦଳ ଓ ଶିକ୍ଷକ ସଂଗଠନ ଚେତାଇ ଦେଇଛନ୍ତି। ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ସ୍କିମାଟିକ ବ୍ୟବସ୍ଥା ହଟାଇବା ନିଷ୍ପତ୍ତିକୁ ପୁନର୍ବାର ଲାଗୁ କରା ନ ଗଲେ ଆଗାମୀ ବିଧାନସଭା ଅଧିବେଶନରେ ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି ।ସେପଟେ ରାଜ୍ୟର ସ୍କୁଲ ଗୁଡିକରେ ସଂସ୍କୃତ ଶିକ୍ଷାକୁ ସରକାର ଜାଣିଶୁଣି ଦୁର୍ବଳ କରୁଥିବାର ବଡ଼ ଅଭିଯୋଗ ଆସିଛି। କିନ୍ତୁ ଏହି ଅଭିଯୋଗ ଆସିବା କ୍ଷଣି ସରକାର ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡିକରେ ସଂସ୍କୃତ ସପ୍ତାହ ପାଳନର ଚିଠି କରିଛନ୍ତି। ଯାହାକୁ କଡା ସମାଲୋଚନା କରିଛନ୍ତି ସଂସ୍କୃତ ବିଶାରଦ ମାନେ। ସଂସ୍କୃତର ପ୍ରଚାର ପ୍ରସାର କଥା କହୁଥିବା ସରକାର ପ୍ରକୃତରେ ଆନ୍ତରିକତାର ସହ ଏହା କରନ୍ତୁ ବୋଲି ଦାବି ହୋଇଛି।

## କଂଗ୍ରେସ ଆଣିଲା ସାଙ୍ଘାତିକ ଅଭିଯୋଗ, ଓଡ଼ିଶାରେ ହୋଇଛି ଭୋଟ ଗଡବଡ



ଭୁବନେଶ୍ୱର,୯।୮(ପି.ଏନ): ପିସିସି ସଭାପତିଙ୍କ ଟାର୍ଗେଟରେ ବିଜେପି ସରକାର। ଓଡ଼ିଶାରେ ଭୋଟ ଚୋରିର ସରକାର ଚାଲିଥିବା ଅଭିଯୋଗ। ୨୧ ଲୋକସଭାରେ ୪୨ ଲକ୍ଷ ଅଧିକ ଭୋଟ ପଡ଼ିଛି। ୫୧ ବିଧାନସଭା ଆସନରେ ବିଜେଡି ଜିତିଲା, ହେଲେ ଗୋଟେ ବି ସଂସଦୀୟ କ୍ଷେତ୍ରରେ ଜିତିଲାନି। କଳାହାଣ୍ଡି ଓ କେନ୍ଦ୍ରାପଡ଼ା ଲୋକସଭା ଆସନର ଉଦାହରଣ ଦେଇ ଭକ୍ତ ଦାସ ପ୍ରଶ୍ନ କରିଛନ୍ତି, ଏହି ଦୁଇ ସ୍ଥାନରେ ମାତ୍ର ଗୋଟିଏ ଲେଖାଁଏ ବିଧାନସଭା ଆସନ ଜିତି ବିଜେପି କିଭଳି ଜିତିଲା ଲୋକସଭା ଆସନ। ନିର୍ବାଚନ କମିଶନ ଓ ଶାସକ ଦଳ ହାତ ମିଶାଇ ଭୋଟ ଚୋରି କରିଛନ୍ତି, ସେଥିପାଇଁ ଇଲେକ୍ସନ କମିଶନ ଭୋଟରଙ୍କ ତଥ୍ୟ କିମ୍ବା ମତଦାନ ବେଳର ତଥ୍ୟ ଦେଲେନି। ଭକ୍ତ ଦାସ କହିଛନ୍ତି, ଠିକରେ ନିର୍ବାଚନ ହୋଇଥିଲେ, କଂଗ୍ରେସରୁ ୩୫-୪୦ ବିଧାୟକ ଜିତିଥାନ୍ତେ। ଓଡ଼ିଶାରେ ବି ଭୋଟ ଚୋରି ହେବାରୁ ବିଜେପିର ୨୦ ସାଂସଦ ଜିତିଲେ। ଆସନ୍ତା ସୋମବାରରୁ ଏ ନେଇ ଲୋକଙ୍କୁ ସଚେତନ କରିବ କଂଗ୍ରେସ। ବାଙ୍ଗାଲୋର ସେଣ୍ଟ୍ରାଲ ଲୋକସଭା ଆସନର ମହଦେବପୁରା ନିର୍ବାଚନ ମଣ୍ଡଳୀ ତଥ୍ୟ ଯାଞ୍ଚ ପରେ ଭୋଟ ଚୋରି କଥା ପଦାକୁ ଆସିଥିଲା। ସେଠାରେ ୩୩ ହଜାର ୬୯୯ ଜାଲ ଭୋଟର ବାହାରିଛି।

## ପେଟେଇ ପଡ଼ିଛି ପେଟ୍ଟାନାଳ କାମ, ଅନାବନା ଗଛ ଉଠି ସୃଷ୍ଟି ହେଲାଣି ଜଙ୍ଗଲ



କଟକ ,୯।୮(ପି.ଏନ): ପେଟେଇ ପଡ଼ିଛି ପେଟ୍ଟାନାଳ କାମ । ଅନାବନା ଗଛ ଉଠି ସୃଷ୍ଟି ହେଲାଣି ଜଙ୍ଗଲ । ଅଧାରେ ରହିଛି ପାର୍ଶ୍ୱବର୍ତ୍ତୀ ୱାଲ କାମ । କଟକ ସହରକୁ ସୁନ୍ଦର କରିବା ସହ ସିଡିଏ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ଓ ଗମନାଗମନକୁ ଉନ୍ନତ କରିବା ପାଇଁ ଆରମ୍ଭ ହୋଇଥଇଲା ପେଟ୍ଟାନାଳର ଉନ୍ନତିକରଣ କାମ । ଜବରଦଖଲ ଉଚ୍ଛେଦ କରି ନାଳର ଉଭୟ ପାର୍ଶ୍ୱକୁ ସଫା କରା ଯାଇଥିଲା । ୩୨ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲା ନାଳର ଦୁଇ ପାର୍ଶ୍ୱର ୱାଲ କାମ । ଏହାସହ ନାଳର ଉଭୟ ପାର୍ଶ୍ୱରେ ଥିବା ରାସ୍ତାକୁ ପ୍ରଶସ୍ତ କରିବାକୁ କରାଯାଇଥିଲା ଉଦ୍ୟମ । ଦେଢ ଦୁଇ ବର୍ଷ ମଧ୍ୟରେ କାମ ବହୁତ ଆଗେଇ ଯାଇଥିଲା । ତେବେ ସରକାର ପରିବର୍ତ୍ତନ ହେବା ପରେ ପେଟେଇ ପଡ଼ିଛି ପେଟ୍ଟା ନାଳ କାମ । ଦେଢ ବର୍ଷରେ ପୁରା ବନ୍ଦ ହୋଇ ଯାଇଛି ଉନ୍ନତିକରଣ । ଯାହାକୁ ନେଇ ସୃଷ୍ଟି ହୋଇଛି ଅସନ୍ତୋଷ ।କାମ ବନ୍ଦ ହେବା କାରଣରୁ ପୁଣି ଜଙ୍ଗଲ ଭଳି ଦିଶିଲାଣି ନାଳର ଦୁଇ ପାର୍ଶ୍ୱ । ଅନ୍ୟ ପକ୍ଷରେ କଟକ ମେୟର କହିଛନ୍ତି ଆହୁରି ୫୦ କୋଟି ଖର୍ଚ୍ଚ ହୋଇ ଥିଲେ କାମ ସରି ଲୋକଙ୍କ ଦେଖିବା ପରି ହୋଇଥାନ୍ତା । ଆଗକୁ ବିଭାଗୀୟ ମନ୍ତ୍ରୀ ଓ ସରକାରଙ୍କ ସହ ପୁଣି କାମ ଆରମ୍ଭ କରିବା ପାଇଁ ଆଲୋଚନା କରାଯିବ । ନୂଆ ବ୍ୟୟବରାଦ ହେଲେ କାମ ଆଗେଇବ ବୋଲି କହିଛନ୍ତି ମେୟର । ତାଳଦଣ୍ଡା କେନାଲ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାବେଳେ ପେଟ୍ଟାନାଳକୁ ମଧ୍ୟ ଅନୁରୂପ ଉନ୍ନତି କରଣ କରିବାକୁ ସାଧାରଣରେ ଦାବି ହୋଇଛି ।

## କେନ୍ଦ୍ରାପଡ଼ା ଛାତ୍ରୀ ମୃତ୍ୟୁ ଘଟଣା, ଦ୍ୱିତୀୟ ଏତଲା ଦେଲେ ପରିବାର ଲୋକ

ପଟ୍ଟାମୁଣ୍ଡାଇ ,୯।୮(ପି.ଏନ): କେନ୍ଦ୍ରାପଡ଼ା ଛାତ୍ରୀ ମୃତ୍ୟୁ ଘଟଣା । ଆଜି ଦ୍ୱିତୀୟ ଏଫଆଇଆର ଦେଇଛନ୍ତି ମୃତ ଛାତ୍ରୀଙ୍କ ବାପା । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ମୃତ ଛାତ୍ରୀଙ୍କ ବାପା ଓ ଭାଇ ପହଞ୍ଚି ପୁରୁଷ ବନ୍ଧୁଙ୍କ ନାମରେ ଏତଲା ଦେଇଛନ୍ତି । ସେପଟେ ପଟ୍ଟାମୁଣ୍ଡାଇ ଛାତ୍ରୀ ମୃତ୍ୟୁକୁ ଚାରି ଦିନ ବିତିଲା । ଏବେ ବି ପୋଲିସର ହାତ ଖାଲି । ହତ୍ୟା ନା ଆତ୍ମହତ୍ୟା, ଅଡୁଆ ସୁତାର ଖିଅ ଖୋଜୁଛି ପୋଲିସ । ଏଯାଏଁ ପୋଷ୍ଟମୋର୍ଟମ ରିପୋର୍ଟ ଆସିନଥିବା ବେଳେ ଫରେନସିକ ଓ ସାଇଣ୍ଟିଫିକ ଟିମ ପୂରା ଘର ଛାନଭିନ କରିଛନ୍ତି । ଛାତ୍ରୀ ଜଣକ କେଉଁ ପରିସ୍ଥିତିରେ ଗ୍ରିଲରେ ବନ୍ଧା ହୋଇଥିଲେ ? ମୃତ୍ୟୁ ପରେ ନିଆଁ ଲଗାଯାଇଥିଲା ନା ନିଜେ ଛାତ୍ରୀ ନିଆଁ ଲଗାଇ ଦେଇଥିଲେ ? ନିଆଁ ଲଗାଇବା ପରେ ପାଖ ପଡିଶା କିଭଳି କୌଣସି ଚିତ୍କାର ଶୁଣିପାରିନଥିଲେ ? ନିଆଁ ଲାଗିବା ସମୟରେ ଛାତ୍ରୀ ଜଣକ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିନଥିଲେ କିପରି ? ଛାତ୍ରୀଙ୍କ ଗୋଡ ବନ୍ଧା ହୋଇଥିଲା କି ? ନିଜେ ନିଜକୁ କେମିତି ବାନ୍ଧିଲେ ? କିଏ ବାନ୍ଧିଲା ଓ କାହିଁକି ବାନ୍ଧିଲା ? ଏଥିରେ ପରିବାର ଲୋକଙ୍କ କ'ଣ ରହିଛି ସମ୍ପୃକ୍ତି ? ସାଧାରଣରେ ଉଠୁଥିବା ଏସବୁ ପ୍ରଶ୍ନକୁ ନେଇ ଘାଣ୍ଟି ହେଉଛି ପୋଲିସ । ଘଟଣା ଦିନ ବାପା ମା ଘରୁ କେତେବେଳେ ବାହାରିଥିଲେ ଓ କେତେବେଳେ ଘରକୁ ଫେରିଥିଲେ ଜାଣିବା ପାଇଁ ସିସିଟିଭି ଯାଞ୍ଚ କରୁଛି ପୋଲିସ ।ସିସିଟିଭି ଫୁଟେଜ ଜବତ କରିବା ପରେ ପୋଲିସ ଗାଁର ଏକ ତେଜରାତି ଦୋକାନ ମାଲିକଙ୍କୁ ପଚରାଉଚରା କରିଛି । ସନ୍ଦେହ କରାଯାଉଛି କିରୋସିନ ଏହି ଦୋକାନରୁ କିଣାଯାଇଥିଲା। ଛାତ୍ରୀଙ୍କ ମୃତ୍ୟୁ, ତା ପରେ ପୋଲିସର ଘନ ଘନ ଗସ୍ତ, ଛାନଭିନକୁ ନେଇ ଗାଁରେ ଏକ ଅସହଜ ନୀରବତା ।

# ସାହିତ୍ୟ ଦର୍ପଣ



## ଆଉ ଡେରି ନାହିଁ



**ସୁଦର୍ଶନ ମହାପାତ୍ର**

ଦୀପାଳି ନିଥର ଆଖିରେ ଚାହିଁ ରହିଥିଲା ଝିଅ ଆଡକୁ। ଯେତେ ପ୍ରକାରର ତୁଟୁକା ମୁଟୁକା ଦେଇ ସାରିଲାଣି। ତିନି ଦିନ ହେବ ଝିଅ ସେମିତି ପଡ଼ିଛି ବିଛଣାରେ। ଯିଏ ଯାହା କହିଲା ସବୁ ଆଣି ଚିକିତ୍ସା କରିଛି ଝିଅର। ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଚାଲିଛି। ହେଲେ କାଇଁ ? ଝିଅ ଦେହରେ ତଥାପି ଯେମିତି ଖଇ ଫୁଟୁଛି। କ'ଣ ବାଉଳି ଚାଉଳି ହେଉଛି।ତା ଖନି ଖନି ଶବ୍ଦରୁ ଝିଅ ଯେ ତା ବାପାକୁ ଖୋଜୁଛି ବୁଝି ପାରୁଥିଲା ଦୀପାଳି।

ଦୀପାଳି ଏ ସମୟରେ କ'ଣ କରିବ କ'ଣ ନକରିବ କିଛି ଠିକ୍ କରିପାରୁନଥିଲା। ଝିଅ ର ଚାହିଁବା ମୁତାବକ ତା ବାପାକୁ ଖୋଜିବାକୁ ଯିବ ତ କୁଆଡେ ଯିବ ?

ଦିନେ ଗଉରା ର ହାତ ଧରି ଘର ଲୋକଙ୍କ ମୁହଁରେ ଚୂନ କାଳି ବୋଳି ଘର ଛାଡିଥିଲା। ପାଞ୍ଚଫୁଟ ଉଚ୍ଚର କଳା ମଚ୍‌ମଚ୍ ଆକର୍ଷଣୀୟ ଚେହେରା ତା'ର। ମୁଣ୍ଡରେ ଭିଡିଥାଏ ଠେକା।କି ଖରା, ବର୍ଷା, ଶୀତ ଛାତି ଆଉ ପିଠି ତା'ର ସବୁଦିନେ ଫୁଙ୍ଗୁଳା।ହସ ଚେନାଏ ସବୁବେଳେ ବସା ବାନ୍ଧିଥାଏ ମୁହଁରେ। ପୃଥିବୀର କୌଣସି ବିପଦ, କୌଣସି ଘୂର୍ଣ୍ଣିବାତ୍ୟା କିମ୍ବା କୌଣସି ଡର ବା ଦୁର୍ଘଟଣା, ସେ ହସକୁ ଅଲଗା କରିପାରେ ନାହିଁ ଗଉରା ମୁହଁରୁ।

? ବ୍ରାହ୍ମଣୀ ନଈରେ କେତେ ବନ୍ୟା,ମ ?ହାବନ୍ୟା ଆସିବାର ପିଲାଦିନରୁ ଦେଖିଥିଲା ଗଉରା। ସେଥିକୁ ତା'ର ଡର ନଥିଲା। ହେଲେ ନଈକୁ, ବନ୍ୟାକୁ ଡର ଦେଖେଇ ଲୋକେ ଅଡି ବସିଲେ ନଈ ଉପରେ ପୋଲଟିଏ ତ ଗଉରା ନାଆକୁ ଆଉ କିଏ କାହିଁକି ଆସିବ ? କୁଳ ବେଉସା ସବୁଦିନ ପାଇଁ ବନ୍ଦ ହୋଇଗଲା।

ତଥାପି ସେଇ ନାଆ କୁ ଭରସା କରି ଗଉରା ନଈରୁ ମାଛ ଧରି ଗୁଜୁରାଣ ମେଣ୍ଟାଇବା ଲାଗି ତିଆର ହେଲା।ନଈ ପାଣିରେ ଆଗଭଳି ମାଛ ଖେଳୁଥିଲେ ଅବା ତା'ର ଜୀବିକା ଉପାର୍ଜନ ର ସ୍ରୋତ ବନ୍ଦ ହୋଇନଥାନ୍ତା । ନଈର ବିଷାକ୍ତ ପାଣିରେ ମାଛ ଆଉ ଆଗଭଳି ଉଧଉ ନାହାନ୍ତି ବୋଲି କାହାଠାରୁ ଜାଣିଲା ତ ସେ ବୁଝିଗଲା କାହିଁକି ତା'ର ରାତିଦିନର ମେହନତ ବେକାର ଯାଉଛି।

ଦାଦନ ଖଟିବାକୁ ଯିବ ବୋଲି ହଠାତ୍ ଦିନେ ଘୋଷଣା କଲା ଗଉରା।ତା ପଛରେ ପଡ଼ିଥିବା ଦଲାଲର ଖୁସି କହିଲେ ନସରେ। ଘରକୁ ଆସି ବୁଝେଇଲା ଅମଙ୍ଗ ଥିବା ଦୀପାଳି କୁ। ଶେଷକୁ ରାଜି ହୋଇଗଲା ଦୀପାଳି। ଝିଅର ଭବିଷ୍ୟତ ଆଉ ଗଉରାର ଲକ୍ଷ୍ୟ ପଥରେ କଣ୍ଟା ସାଜିବାକୁ ତା'ର ଆଉ ଇଛା ହେଲାନି।

ଦୀପାଳି ସେଇ ଯେ ଘର ଛାଡିଥିଲା ଆଉ କେବେ ବାପାମା, ଭାଇ ଙ୍କ ମୁହଁ ଦେଖିବାର ସୁଯୋଗ ପାଇନି। ଏବେ ସେ ନିଜେ ଆଉ ଥରେ ଘରକୁ ଫେରି ସାହାଯ୍ୟ ଭିକ୍ଷା କରିବ କି ?

ହେଲେ ଘର ଲୋକେ ତାକୁ ଗ୍ରହଣ କରିବେ ତ ?

ଗଉରା ତାକୁ ଛାଡ଼ି ଯିବାପରେ ତିନି ଚାରି ମାସ ଯାହା ଭଲମନ୍ଦ ଜଣଉଥଲା, ବୁଝୁଥିଲା। ହେଲେ ତାପରେ ୟା ଭିତରେ କଟି ଗଲାଣି ଦୀର୍ଘ ଆଠ ମାସ। କିଛି ଖବର ନାହିଁ ।ଦଲାଲ ଆଉ ଧରା ଦେଉନି। କେତେ ଲୋକଙ୍କୁ ଗଉରା ବିଷୟରେ ପଚାରି ନିରାଶ। ଶେଷରେ ଦୀପାଳି ଚାହିଁଥିଲା ଘର ଲୋକଙ୍କ ସାହାଯ୍ୟ। କାହା କାହା ହାତରେ ଖବର ପଠାଇଥିଲା।ହେଲେ ସେମାନେ ଥୁ ଥୁ କରି ଦୀପାଳିର ଇଛାକୁ ଘଉଡେଇଦେଲେ।

ସାହାଯ୍ୟ କରିବା ବାହାନାରେ କେତେ ଅବଶ୍ୟ ଆଗେଇ ଆସିଛନ୍ତି। ହେଲେ ସାହାଯ୍ୟ କରିବା ଆଗରୁ ସଉଦା କରିଛନ୍ତି ତା'ର ଦେହ। ଉପଯୁକ୍ତ ପାଉଣା ନପାଇଲେ କେହି କାହାପାଇଁ କିଛି କରିବ କାହିଁକି ?ଅଶ୍ଳୀଳ ଇଙ୍ଗିତ ଶରବ୍ୟ ହୋଇଛି ସେ ବାରମ୍ବାର।ଆଉ ସେସବୁକୁ ଦୀପାଳି ଏଡାଇ ଚାଲିଛି ବାରମ୍ବାର।

ତାପରେ ଆରମ୍ଭ ହୋଇଗଲା ଦୀପାଳିର ସଂଘର୍ଷ।ଘର ଘର ବୁଲି କାମ ମାଗିଛି। ପ୍ରତି ବଦଳରେ ପାଇଛି ବଞ୍ଚିବାର ନ୍ୟୁନତମ ସାଧନ। ସେତିକିକୁ ପାଥେୟ କରି ଲକ୍ଷ୍ୟ ପୂରଣ କରିବାର ସ୍ୱପ୍ନ ଦେଖିଛି।

ମହିମିତ ଐଶ୍ୱର୍ଯ୍ୟର ଦେବୀଟିଏ ଯେବେ ଚାହେଁ ନିଜକୁ ପରସ୍ତ ପରସ୍ତ କରି ଢଳେଇପାରେ ସମୟର ଚଟାଣରେ। କିସ୍ତି କିସ୍ତି କରି ଚିତ୍ରିତ କରେ ନିଜକୁ ବିଭିନ୍ନ ଚରିତ୍ରରେ ରଖି । ମୁଠାଏ ମୁଠାଏ କରି ଫେଣ୍ଟେ ନିଜକୁ। ମମତାର ସ୍ୱର୍ଶ ଦେଇ ଲାଗିପଡେ ମଧୁମୟ ସଂସାରର ସଂଯୋଜନା ପାଇଁ।ଦୀପାଳି ବି ସେମିତି ଏକ ନାରୀ ରୂପରେ ଦେବୀଟିଏ ସାଜିଥିଲା।

ହେଲେ ଏବେ ଯେଉଁ ବିପଦ ତା ସାମ୍ନାରେ ଠିଆ ହୋଇଛି ତାକୁ ଧୈର୍ଯ୍ୟହରା କରି ଦେଇଛି। ପୁଣି ଥରେ ଝିଅ ପାଟିରୁ କିଛି ଅସ୍ୱଷ୍ଟ ଶବ୍ଦ ବାହାରିଲା। ହେଲେ ସ୍ୱଷ୍ଟ ଶୁଭିଲା ତାକୁ ଝିଅର ଅବଚେତନ ମନର ବୃହତ୍ ଇପ୍ସିତକୁ।

ଘରକୁ ଫେରି ଆଉଥରେ ସାହାଯ୍ୟ ଭିକ୍ଷା ମାଗିବା ଅପେକ୍ଷା ଏ ସମୟରେ ଡାକ୍ତରଙ୍କ ପାଖକୁ ଯାଇ ସାହାଯ୍ୟ ମାଗିବା ବରଂ ଶ୍ରେୟସ୍କର ବୋଲି ସେ ଠିକ୍ କଲା। ଝିଅ ପାଇଁ ସବୁକିଛି ତ୍ୟାଗ କରିବାକୁ ସେ ପ୍ରସ୍ତୁତ ବୋଲି ବିଚାର କଲା।

କବାଟରେ ବାହାରୁ ତାଲାଦେଇ ବାହାରି ପଡିଲା ଦୀପାଳି।ପରକ୍ଷଣରେ ଅଟକି ଗଲା। 'ଆଜିକାଲି ନର ପିଶାଚ ମାନଙ୍କର କ'ଣ କମ୍ ଅଦଉତି' ମନେ ମନେ ଭାବିଲା ସେ।କବାଟ ଖୋଲି ଝିଅକୁ ଭଲଭାବରେ ଘୋଡେଇ ଦେଇ କାନ୍ଧ ଉପରକୁ ଉଠେଇ ଆଣିଲା।

ଶୂନଶାନ ରାତି। ମନରେ ଯେତିକି ଭୟ, ଛାତିରେ ତା ଠୁ ବେଶୀ କୋହ। ହେଲେ ଲୁହ କୁ ଲୁଚେଇବାକୁ ଚେଷ୍ଟା କରି ପାଦ ବଢେଇଲା ଆଗକୁ। ଝିଅ ଦେହରୁ ଉଷୁମ ଫୁଟି ପଡୁଛି। ଟିକିଏ ଆଗରୁ ଲାଗୁଥିବା ଝିଅର ଓଜନ କ୍ରମେ ହାଲକା ଲାଗୁଥିଲା।

ବାହାରେ ବୁଲୁଥିବା କିଛି ଲୋକଙ୍କ ପ୍ରଶ୍ନିଳ ଦୃଷ୍ଟିକୁ ଏଡାଇ ସେ ନୀରବରେ ବାଟ ଚାଲୁଥିଲା।ନାରୀ ଶରୀର ଲୋଭୀ କାମୁକ ମାନଙ୍କର ଦୃଷ୍ଟିକୁ ଯଦିଓ ଠିକ୍ ଜାଣିଥିଲା ହେଲେ ପରିସ୍ଥିତିର ତାଡ଼ନାରେ ନିଜକୁ ସୁଦୃଢ କରିବାକୁ ଚେଷ୍ଟା କରୁଥିଲା। ମନେ ମନେ ଭାବୁଥିଲା ସେ ଯୋଗମାୟା ପରି ବିସ୍ତାରି ପାରିବ ନିଜକୁ। ସଂକଳ୍ପର କବଚ୍‌ରେ ତପସ୍ୟାର ତପୋବନରେ ସେ ଫୁଟାଇ ପାରିବ ମମତାର ପାରିଜାତକୁ। ସେ ଲଢିପାରେ ମୋହର ତ୍ରିଶୂଳ ଓ ସ୍ନେହ ସଦିଚ୍ଛାର ଢାଲ ଧରି।ତା ଚଲାପଥରେ ଅସୁରୀୟ ଶକ୍ତି କୁ ସଂହାର କରି ତିଆରି କରିପାରେ ଅନୁପଦ୍ରବ ଅଳକାପୁରୀ।

ସେ ପହଞ୍ଚି ଯାଇଥିଲା ତା ଲକ୍ଷ୍ୟରେ। ଯେଉଁ ଡାକ୍ତରଙ୍କୁ ସଭିଏଁ ଦେବତା ସମାନ କୁହନ୍ତି ତାଙ୍କ ଘର ଭିତରେ ଦୁଃଖ ଶୋକର କରୁଣ ସଙ୍ଗୀତ ଗୁଞ୍ଜରିତ ହେଉଥିଲା। ଡାକ୍ତରଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଛି ବୋଲି ସେ ଶୁଣିଲା। କ'ଣ କରିବ କ'ଣ ନକରିବ ଭାବିଲା ଭିତରେ ଏପର୍ଯ୍ୟନ୍ତ ଲୁଚେଇ ରଖିଥିବା ଲୁହ ଧାର ଚିବୁକ ଛୁଇଁ ମାଟିରେ ପଡିଲା।

-' କ'ଣ ହୋଇଛି ? ଇଆଡେ ଆସ।' ନିଶ୍ଚୟ ଡାକ୍ତରଙ୍କ ସ୍ୱର ହୋଇଥିବ ଭାବି ପଛକୁ ବୁଲି ଚାହିଁଲା। ପଦୁଟିଏ ପାଟି ନଖୋଲି ଝିଅକୁ ନେଇ ଡାକ୍ତର ବାବୁଙ୍କ ପାଦତଳେ ଶୁଆଇ ଦେଲା। ପରିବେଶ ଗମ୍ଭୀର।

ଡାକ୍ତର ବାବୁ ଛୁଇଁଲେ ରୋଗୀକୁ। ପରକ୍ଷଣରେ ସେ ନିଜେ ଟେକି ନେଇଗଲେ କ୍ଲିନିକ୍ କୁ।ସାଲାଇନ ଲଗାଇଲେ। ଦୁଇଟି ଇଞ୍ଜେକସନ ଦେଲେ।

-' ମା ତୁମେ ଏଇଠି ଥାଅ। ମୁଁ ସେପଟର କିଛି କାମ ସାରେ।' ଦୀପାଳି ଉଦ୍ଦେଶ୍ୟରେ କହିଲେ ଡାକ୍ତର ବାବୁ।

କିଛି ସମୟପରେ ଶବ ଚାଲିଗଲା ସ୍ୱର୍ଗଧାମକୁ। ଡାକ୍ତର ବାବୁ ପୁଣି ଫେରି ଆସିଲେ ରୋଗୀ ପାଖକୁ। 'ଠିକ୍ ହୋଇଯିବ ଝିଅ, ଚିନ୍ତା କରନା' ।

ଡାକ୍ତରଙ୍କ ଆଶ୍ୱାସନାରେ ଯେମିତି ମହମ ପରି ତରଳି ଯାଉଥିଲା ଦୀପାଳି। ମର୍ତ୍ତ୍ୟରେ ବି ସତରେ ଦେବତା ଅଛନ୍ତି ଏଇ ମାତ୍ର ଅନୁଭବ ହେଲା ତା'ର। ସେଇଠି ଦୁଇ ଦିନ ରହିବା ଭିତରେ ଡାକ୍ତର ବାବୁ ବୁଝି ନେଇଥିଲେ ତା'ର ଅତୀତ ଆଉ ବର୍ତ୍ତମାନ ବିଷୟରେ।

-' ତୁମେ ଆସନ୍ତାକାଲି ଝିଅକୁ ଏଠୁ ନେଇ ଯାଇପାର। ପଇସା କଥା ଚିନ୍ତା କର ନାହିଁ।'

ଡାକ୍ତର ବାବୁଙ୍କୁ ଅନୁନୟ କଲା ଦୀପାଳି।ଘରେ କାମ କରି ପଇସା ଶୁଝିବାର ତା'ର ଆବେଗକୁ ବୁଝିଲେ ଡାକ୍ତର ବାବୁ।

-' ଶୁଣ, ମୋ ପିଲାମାନେ ବାହାରେ ରହୁଛନ୍ତି।ଆଉ କେତେ ଦିନ ଭିତରେ ସେମାନେ ନିଜ ନିଜ ଜାଗାକୁ ଫେରିଯିବେ। ତୁମେ ଚାହିଁଲେ ଏଇଠି ମୋ ଆଉଟ୍ ହାଉସରେ ରହି ପାରିବ। ତୁମ ଝିଅର ପାଠପଢ଼ା ଦାୟିତ୍ୱ ଏବେ ମୋର।'

ସତେକି ସେଇ ସୁନେଲି ସକାଳରେ ଖେଳିଗଲା ଧୂପର ଭୁରୁ ଭୁରୁ ସୁଗନ୍ଧ । ସନ୍ଧ୍ୟାଦୀପ ଜାଳି ଡାକ୍ତର ବାବୁଙ୍କ ସୁମନସ କରିବାକୁ ଏବଂ ତା'ର ଆଶା ଆକାଂକ୍ଷାର ପ୍ରଦୀପ ଜାଳିବାକୁ ସେଇଠି ଅଟକିଗଲା ଦୀପାଳି। ଡାକ୍ତରଙ୍କ କଥାରେ ତା ମନରେ ବି ଆସିଲା ଗଉରା ଫେରୁଛି।ଆଉ ଡେରି ନାହିଁ ! ଝିଅକୁ ବି ଆଶ୍ୱାସନା ଦେଲା ସେଇ କଥା କହି...!!!

କୁଞ୍ଜବିହାରୀ ଲେନ,
କଟକ

## ସ୍ୱାଭିମାନ

*ରତ୍ନକାନ୍ତି ମିଶ୍ର*



ଧୂଳିସାତ ଏବେ ତା'ର ସ୍ୱପ୍ନ
ସମୟର ଯଜ୍ଞକୁଣ୍ଡରେ ସେ
ସ୍ୱୟଂ ସମର୍ପିତ
ଜୀବନ ଜୀବିକାର ଦେଖେ
ଅସ୍ତବ୍ୟସ୍ତ ରୂପ
ପ୍ରଶ୍ନ ଘେରରେ ଅଚାନକ
ତା'ର ସାମର୍ଥ୍ୟ
ତଥାପି ବଳବତ୍ତର
ତା ମୁହଁରେ ସ୍ୱାଭିମାନ ଚିତ୍ର
ଏବେ ସେ ରୌଦ୍ରଦଗ୍ଧ
କଳୁଷିତ ନଈର ପାଣି ପରି
ମନ ତା'ର ସଂକ୍ରମିତ
ଧ୍ୱସ୍ତ ମହୀରୁହ ପରି ତାର ଭାଗ୍ୟ
ହାତ ପାଆନ୍ତାରେ
ତା'ର ଅସୀମ ଶୂନ୍ୟତା
ସ୍ୱାଭିମାନ କୁ ଜଗିଥିବା ସେଇ
ନିନ୍ଦିତ ମଣିଷ
ଯାହାକୁ ନିଦ ହୁଏନି
ଏବେ ସାରା ରାତି
ଛଟପଟ ହୁଏ ଦୁଶ୍ଚିନ୍ତାରେ
କଡ଼ ଲେଉଟାଏ ବାରମ୍ବାର
ତଥାପି ତା ପାଇଁ କିଆଁ
ସ୍ୱାଭିମାନ ବଡ଼
ଭେଟିବାକୁ ଆସନ୍ତା ସକାଳ
ଦେଖିବାକୁ ନୂଆ ସୂର୍ଯ୍ୟୋଦୟ
ଏବେ ସେ ତିଆର
ସ୍ୱାଭିମାନ ର ସାହାରା ନେଇ
ଚଢ଼ିବାକୁ ପୁଣି ଥରେ
ସୁତୀଖ ପାହାଡ଼...!!!

*ଆଳି, କେନ୍ଦ୍ରାପଡା*

## ଭାରି ଇଚ୍ଛାହୁଏ

*ନିରଞ୍ଜନ ସାହୁ*



ଭାରି ଇଚ୍ଛାହୁଏ ତୁମରି ସାଥିରେ
ନିଇତି ଲଗାନ୍ତି କଳି
ଭାରି ଇଚ୍ଛାହୁଏ ତୁମରି ପାଖରେ
ନିଇତି କରନ୍ତି ଅଳି ।
ଭାରି ଇଚ୍ଛାହୁଏ ତୁମରି ସହିତ
ବୁଲନ୍ତି ମୁଁ ଚାରିଆଡେ
ଭାରି ଇଚ୍ଛାହୁଏ ତୁମକୁ କହନ୍ତି
ଯାହା ଶୁଣି ହସମାଡ଼ ?
ଭାରି ଇଚ୍ଛାହୁଏ ତୁମେ କହୁଥାନ୍ତ
ତୁମକୁ ଯିବି ମୁଁ ବଳି ।
ଭାରି ଇଚ୍ଛା ହୁଏ ତୁମେ ଶୁଣୁଥାନ୍ତ
ଗାଉଥାନ୍ତି ମୁହିଁ ଗୀତ
ଭାରି ଇଚ୍ଛା ହୁଏ ତୁମେ ଭାବୁଥାନ୍ତ
କେମିତି ହେବ ମୋ ହିତ
ଭାରି ଇଚ୍ଛାହୁଏ ତୁମେ ପିନ୍ଧୁଥାନ୍ତ
ନୂଆନୂଆ ଭଳିଭଳି ।
ଭାରି ଇଚ୍ଛାହୁଏ ତୁମେ ସାଜୁଥାନ୍ତ
ସରଗର ଅପସରୀ
ଭାରି ଇଚ୍ଛାହୁଏ ତୁମେ ରାଗୁଥାନ୍ତ
ଦେଖି ମୁଁ ଯାଆନ୍ତି ଡରି
ଭାରି ଇଚ୍ଛାହୁଏ ତୁମେ ଚାଲୁଥାନ୍ତ
ରାଜହଂସୀ ପରି ?ଳି ।
ଭାରି ଇଚ୍ଛାହୁଏ ତୁମେ ଲେଖୁଥାନ୍ତ
ପଢୁଥାନ୍ତ ମନଦେଇ
ଭାରି ଇଚ୍ଛାହୁଏ ତୁମେ ହଜିଯାନ୍ତ
ସ୍ୱପ୍ନ ସମ୍ଭାବନା ନେଇ
ଭାରି ଇଚ୍ଛାହୁଏ ଛବି ଆଙ୍କୁଥାନ୍ତ
ଦେଖି ମୁଁ ଯାଆନ୍ତି ଜଳି ।

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ*

## ଉପର ମୁଣ୍ଡ

*ଆଦ୍ୟାଶା ମହାପାତ୍ର*



ଖରାଦିନକୁ
ଉପର ମୁଣ୍ଡରେ ପାଣି ନାହିଁ
ମହାନଦୀ ଶୁଖିଲା ଆମ ପାଇଁ
ଯାହା ଥିଲା
ସେତକ ଭାଗବଣ୍ଟାରେ ଶେଷ
ତଥାକଥିତ ନେତା ଆଉ
କାରଖାନା ମାଲିକଙ୍କ ସଲାସୁତୁରାରେ
ସବୁ ହେଲା ଫାଙ୍କା
ହେଲେ ଆମ ପାଇଁ ଦେଇଛନ୍ତି
ବୟାନବାଜିର ମଉକା
ନିର୍ବାଚନ ପରେ
ଭକୁଆ ଭୋଟଦାତା
ଚାହିଁଛନ୍ତି ଜଳକା
ବର୍ଷାଦିନକୁ
ମହାନଦୀ
ପାଣିରେ ଉଛୁଳୁ ପୁଛୁଳୁ
ଉପର ମୁଣ୍ଡରେ ଲଗାଣ ବର୍ଷା
ଜନତା ଛାତିରେ ଛନକା
କେଜାଣି କ'ଣ ଅଛି
ଏ ରାଇଜ ଭାଗ୍ୟରେ ଲେଖା
ବାଇଶି ଗେଟ୍ ଖୋଲିଛି ହୀରାକୁଦ
କରିହେବ କି ଅଣଦେଖା ?
ଉପର ମୁଣ୍ଡ ଆଦେଶକୁ
ଅନେଇ ରହିଛି ଅନନ୍ତା
ମୁଣ୍ଡରେ ଭିଡିଛି ଗାମୁଛା
ଘାଇ ଭାଙ୍ଗିଲେ
ତାକୁ ହିଁ ପଡିବ ଡକା
ହେଲେ କିଏ କରେ ପ୍ରପଞ୍ଚ
ଅକାରଣେରେ ଯାହା
ବାଇମୁଣ୍ଡିକୁ କଟକ ଚିନ୍ତା...!!!

*ନୂଆପଡା, କଟକ*

## ଦିବାସ୍ୱପ୍ନ

*ସୁଧାକର ରାଉତ*



ମାଟି ତ ଶୋଇଛି
ତା ଛାତିକୁ ଦେଖେଇ
ନିଜକୁ ଗୋଟାପଣେ ସଅଁପି
ତା ସନ୍ତାନ ପାଇଁ ।
ଉଁ ନାହିଁ କି ଚୁଁ ନାହିଁ
ସତେ ନିଜ ଭାଗ୍ୟକୁ ଆଦରି ।
ତା ହସ ଫୁଲକୁ
ତା ଅକପଟ ସିନିହକୁ
ମଣିଷ ନେଲା ଅପହରଣ କରି ।
ନିଜ ମୁହଁରେ ଫୁଟାଇବାକୁ ହସ
ତାକୁ କଅଁଳ କଥାରେ ଭୁଲେଇ
ନିଜର ଭୋକିଲା ପେଟ ଦେଖେଇ
ମେଣ୍ଟେଇଲା ତା ମନର ଶୋଷ ।
ତା ଦେହରୁ ଜନ୍ମ ଝରଣା
ଆଉ କରୁନାହିଁ କୁଳୁକୁଳୁ ନାଦ
ବିଚରା ନଦୀଟା ପଡ଼ିଛି ମୁହଁ ଶୁଖେଇ।
ପାହାଡ ଟା କାନ୍ଦୁଛି
ତା ଛାତିକୁ ଫଟେଇ
ଏଇ ମାନେ ତ କଲେ ହୃତ ସର୍ବସ୍ୱ
ସେମାନଙ୍କୁ ।
କେତେ ବା ସହନ୍ତା ସିଏ
ଅନିୟନ୍ତ୍ରିତ ସ୍ୱେଚ୍ଛାଚାରିତାକୁ
ସେଥିପାଇଁ ମା ହୋଇ ବି
ଲେଉଟାଏ କଡ
ଆଉ ବନ୍ୟା, ବାତ୍ୟା,ଭୂସ୍ଖଳନରେ
ଦିଏ ସତର୍କତାର ମାଡ ।
ଆଉ ମଣିଷ
ସେ ତ ଚେଇଁ ଶୋଇ
ଦେଖେ ବିନାଶ ନୁହେଁ
ବିକାଶର ଦିବାସ୍ୱପ୍ନ ।

*ପ୍ରତାପ ନଗରୀ, କଟକ*

## ବୁଢ଼ା ବଇଦ



**ପ୍ରତିଭା ଚୌଧୁରୀ**

ବୈଦପୁର ନାମରେ ଏକ ଗାଁଟିଏ ଥିଲା। ସେ ଗାଁ ରେ ଜଗତ ସାହୁ ନାମରେ ବୁଢ଼ା ଲୋକଟିଏ ବାସ କରୁଥିଲା । ତାହାର ପରିବାରରେ କେହି ପୁଅ ଝିଅ କି ତା' ସ୍ତ୍ରୀ ନ ଥିଲେ। ସେ ଏକା ବଡ ଗାଁରେ ଲୋକମାନଙ୍କ ସହ ମିଳିମିଶି ରହୁ ଥିଲା। ଦିନେ ସେ ବୁଢ଼ା ଲୋକକୁ ହଇଜା ହୋଇଗଲା। ତା'କୁ ଦେଖି କିଛି ଭଲ ଲୋକ ସେ ବୁଢ଼ା ପାଇଁ ଖାଦ୍ୟ , ଜଳ, ପୋଷାକ, ଆଣି ତାକୁ ଦେଲେ ଯାହା ଦ୍ୱାରା ସେମାନଙ୍କ ଉପରେ ବ୍ୟାପି ଗଲା। ଗାଁର ଜଣେ ଲୋକ ସରପଞ୍ଚ ପାଖକୁ ଯାଇ ଜଗତ ସାହୁ ବିଷୟରେ ଅଭିଯୋଗ କଲେ। ତାହା ଶୁଣି, ସରପଞ୍ଚ ସେ ବୁଢ଼ା ଲୋକକୁ ଗାଁରୁ ବାହାର କରିଦେଲେ। ସେତେବେଳେ ଲୋକମାନେ କହୁଥିଲେ ଯେଉଁ ଗାଁରେ ହଇଜା ଲାଗିଛି ସେଇ ଗାଁକୁ ଲୋକ ମାନେ ଯିବା ଆସିବା ବନ୍ଦ କରି ଦେଉଥିଲେ, ସେଇ ଗାଁର ଖାଦ୍ୟ, ପାଣି ବାରଣ କରୁଥିଲେ । ସେହି ଗାଁର କୌଣସି ଜିନିଷ ଛୁଉଁ ନ ଥିଲେ।ସେ ବୁଢ଼ା ପାଖ ଜଙ୍ଗଲକୁ ଗଲା, ସେ ବୁଢ଼ାକୁ ଜଡ଼ିବୁଟି ଔଷଧର ଜ୍ଞାନ ଥିଲା। ନିଜ ରୋଗର ଔଷଧ ତିଆରି କରି, ସୁସ୍ଥ ହୋଇଗଲା। ତାପରେ ସେ ନିଜ ପାଇଁ ଏକ କୁଡ଼ିଆଟି ତିଆରି କଲା ।ସେ କିଛି ଦିନ ଭଲ କରି ରହିଲା ଓ ଦିନେ ତା' କୁଡ଼ିଆରେ ଏକ ବଡ଼ ସାପ ଦେଖିଲା ସେ ସାପ ସେଠାରୁ ଯାଉ ନ ଥିଲା। ସେ ବୁଢ଼ା ଜଙ୍ଗଲର କିଛି ଗଛ ଆଣିଲା ଯାହାର ଗନ୍ଧ ଶୁଙ୍ଘି ସାପ ଚାଲିଗଲା । ବୁଢ଼ା ଭାବିଲା ଏମିତି ଯଦି ସାପ, ବାଘ,ଭାଲୁ ପଶୁପକ୍ଷୀ ଆସିବ ତ ମୁଁ ରହି ପାରିବି ନାହିଁ। ସେ ବୁଢ଼ା ଜଙ୍ଗଲରୁ ବହୁତ ପ୍ରକାର ଗଛ, କିଛି ବାଉଁଶ ବାଡି ଆଣିଲା। ଗଛ ଗୁଡ଼ିକ ଦ୍ୱାରା ସାପ ଆସିନାହିଁ ଓ ବାଉଁଶ ବାଡି ଦ୍ୱାରା ବାଘ, ଭାଲୁରୁ ରକ୍ଷା ପାଇହେବ । ସେହିଦିନ ଠାରୁ ସେ ବୁଢ଼ା ବାଘ କିମ୍ବା ପଶୁ ଆସିଲେ ବାଡ଼ିରେ ନିଜକୁ ରକ୍ଷା କରେ । କିଛି ଦିନ ତ ସେ ଫଳମୂଳ ଖାଇ ବଞ୍ଚିଗଲା କିନ୍ତୁ ସେ ବହୁତ ହାଲିଆରେ ରହିବାକୁ ଲାଗିଲା । ସେଥିପାଇଁ ସେ ନିଜେ ଔଷଧ ତିଆରି କରି ବଜାରକୁ ବିକିବାକୁ ନେଲେ । ଦୁଇ ତିନି ଦିନ ତା' ଠାରୁ କିଏ ବି ଔଷଧ କିଣିଲେ ନାହିଁ। ଗୋଟିଏ ଦିନ ଏକ ଲୋକ ତା ମାଆର ଦେହ ଖରାପ ଥିଲା ତା ପାଖରେ ଔଷଧ କିଣିବାରୁ କମ ପଇସା ଥିଲା ତାକୁ ଔଷଧ ଦୋକାନରୁ ବାହାର କରିଦେଲେ। ସେ ଲୋକ ସେହି ବୁଢ଼ାଠାରୁ ଔଷଧ କିଣିଲା ଓ ନେଲା ତା' ମାଆକୁ ସେ ଔଷଧ କିଛି ଦିନ ଦେଲା ପରେ ତା ମାଆ ଭଲ ହେବାକୁ ଲାଗିଲା। ସେ ଏକଥା ଗାଁର ସମସ୍ତଙ୍କୁ ଜଣାଇଲା । ଏହା ଶୁଣି ସମସ୍ତେ ତା' ଠାରୁ ଔଷଧ କିଣିଲେ । ଯାହା ଦ୍ୱାରା ବୁଢ଼ାର ଭଲ ପଇସା ରୋଜଗାର ହେବାକୁ ଲାଗିଲା । ଏହି ସବୁ କଥା ଦେଖି ଜଣେ ଲୋକ ଯେ ସେ ବୁଢ଼ାର ପୁରୁଣା ଗାଁ ଥିଲା । ସେ ଏହି ସବୁ କଥା ସରପଞ୍ଚଙ୍କୁ କହିଲା । ସରପଞ୍ଚ ଏହା ଶୁଣି ବୁଢ଼ାକୁ ନିଜ ଗାଁକୁ ପୁଣିଥରେ ରହିବାକୁ ଆଣି ଆସିଲେ। କିନ୍ତୁ ସେ ବୁଢ଼ା ମନା କରିଦେଲେ । ସେ ବୁଢ଼ା ସେ ଗାଁକୁ ଯିବାକୁ ଚାହୁଁ ନ ଥିଲା କାରଣ ତାକୁ ବାହାର କରି ଦିଆ ଯାଇଥିଲା। ତା ପାଖକୁ କିଛି ଲୋକ ଆସିଲେ ସେଇ ଜଙ୍ଗଲରେ ଘର କରି ରହିଲେ। ବୁଢ଼ା ବହୁତ ଦୟାବନ୍ତ ଥିଲା, ସେହି ଲୋକମାନଙ୍କୁ ଜଡ଼ିବୁଟି ଔଷଧ ଶିଖାଇ ଦେଲେ। ସେହି ଗାଁର କିଛି ଲୋକ ଏକ ଆୟୁର୍ବ ?ଦିକ ଚିକିତ୍ସାଳୟ ତିଆରି କଲେ। ଲୋକ ମାନେ ତାଙ୍କ ଚିକିତ୍ସାଳୟକୁ ଯିବା ଆସିବା ପାଇଁ ରାସ୍ତା ନିର୍ମାଣ କଲେ ଓ ନିଜ ଅଞ୍ଚଳର,ଦୁଃଖୀ ,ଦାରିଦ୍ର୍ୟ, ନିରୀହ, ଅସହାୟ ଲୋକମାନଙ୍କର ସେବା କଲେ।

ଅଷ୍ଟମ ଶ୍ରେଣୀ ଛାତ୍ରୀ
ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର,
କଳାହାଣ୍ଡି।

## ମାନବିକତାର ଅଭାବ



**ଜଗଜ୍ଜିବନ ସା**

ମଣିଷ ହେଉଛି ଜୀବ ଶ୍ରେଷ୍ଠ। ସେ ଏହି ପୃଥିବୀକୁ ସୃଷ୍ଟି କରି ନ ଥିଲେ ବି ସେ ପୃଥିବୀର ରକ୍ଷକ ଓ ଭକ୍ଷକ। ଅର୍ଥାତ ସେ ଚାହିଁଲେ ପୃଥିବୀକୁ ଧ୍ୱଂସ କରିପାରେ ଅବା ସୁରକ୍ଷା ଦେଇପାରେ। ଦିନକୁ ଦିନ ଜଗତରେ କିଛି ଜୀବ ଲୋପ ପାଇବାକୁ ବସିଲାଣି ତ କିଛି ଜୀବ ଦିନକୁ ଦିନ ବୃଦ୍ଧି ପାଉଛି। ଡାଇନେସର୍ ପରି ଜୀବ ଆଜିକାଲି ଦେଖାଯାଉ ନାହିଁ।ସରକାରଙ୍କ ଜୀବଜନ୍ତୁ ଆକ୍ଟ ଅନୁଯାୟୀ କୌଣସି ନାଗରିକ ଜୀବଜନ୍ତୁଙ୍କୁ ଅନାବଶ୍ୟକ ଆହତ କରିବା ନାହିଁ, ପଶୁପକ୍ଷୀଙ୍କୁ ମାରିବା ନାହିଁ, ପ୍ରତ୍ୟେକ ନାଗରିକ ଆହତ ହୋଇଥିବା ପଶୁପକ୍ଷୀଙ୍କ ସୁରକ୍ଷା ଦେବା, ସେମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ ଲିଖିତ ଅଛି। ସେହିପରି ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା, ଜୀବଜନ୍ତୁ ସୁରକ୍ଷା ହେବ। ଫରେଷ୍ଟ କନଭର୍ଜ ?ଶନ ଆକ୍ଟ ଅନୁଯାୟୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇ କାର୍ଯ୍ୟ କରୁଥିଲେ ହେଁ ସଚେତନତା ଅଭାବ ଯୋଗୁଁ ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁ ରକ୍ଷା ହୋଇପାରୁନାହିଁ। ମୋର କହିବା ତାତ୍ପର୍ଯ୍ୟ ଏହି କି ଯେ ଆମେ ଯେତେବେଳେ 'ମାଆ ପାଇଁ ଗଛଟିଏ'କାର୍ଯ୍ୟକ୍ରମ କରାଯାଏ, ସେତେବେଳେ ଆମେ ବୃକ୍ଷରୋପଣ କରିଥାଉ କିନ୍ତୁ ଯେତେ ବି ବୃକ୍ଷ ରୋପଣ କରାଯାଇଥାଏ, ତାହା ଆର ବର୍ଷକୁ ସେହି ବୃକ୍ଷଗୁଡ଼ିକର ଚିହ୍ନବର୍ଣ୍ଣ ନ ଥାଏ। ସେହି ବୃକ୍ଷଗୁଡ଼ିକର ଠିକ ଭାବରେ ଯତ୍ନ ନେଇ ନ ଥାଉ। କେବଳ ଦେଖାଣିଆ ପାଇଁ ବୃକ୍ଷରୋପଣ କରାଯାଇ ଫେସବୁକ୍, ଷ୍ଟାଟସ୍, ଇନ୍ଷ୍ଟାଗ୍ରାମରେ ଛଡ଼ା ଯାଇଥାଏ। ଏଥିରେ ଆମେ କାହାକୁ କ'ଣ କହିବା ? ଅର୍ଥାତ ଆମର ଦାୟିତ୍ୱ ହୀନତା, ଯତ୍ନହୀନତା, ଅଳସୁଆମିକୁ ପାରଦର୍ଶିତା କରିଥାଏ। ଗତ କିଛି ଦିନ ତଳେ କୌଣସି ଏକ ସ୍କୁଲରେ ବୃକ୍ଷ ରୋପଣ କରାଗଲା, ତାହାପାଇଁ ନର୍ସରୀରୁ ବିଭିନ୍ନ ପ୍ରକାର ବୃକ୍ଷ ଅଣାଗଲା, ଛାତ୍ରଛାତ୍ରୀମାନେ ଲମ୍ବା ଲାଇନ ହୋଇ ବୃକ୍ଷଟିଏ ଧରି ସ୍କୁଲରୁ ଗାଁ ଯାଏଁ ଧାଡ଼ି ଧାଡ଼ି ଠିଆ ହୋଇ ଭିଡିଓ କରାଗଲା ସୋସିଆଲ ମିଡିଆରେ ମଧ୍ୟ ବୃକ୍ଷରୋପଣ ପ୍ରତିଛବି ଛଡ଼ାଗଲା। ତାପର ଦିନ ଦେଖିବାକୁ ମିଳିଲା ଯେ ବୃକ୍ଷଗୁଡ଼ିକ ଧରି ସେହି ପିଲାମାନେ ଘରକୁ ଫେରୁଛନ୍ତି। ଦେଖି ଲୋକେ କହିଲେ କ'ଣ ହେଲା ? ଜଣେ ଗାଁର ଭଦ୍ର ଲୋକ ଛାତ୍ରଛାତ୍ରୀଙ୍କୁ ପଚାରିଲେ, ଆମ ସ୍କୁଲରେ ଜାଗା ନାହିଁ ସେଥିପାଇଁ ଘରକୁ ଆଣୁଛୁ। କାଲି କେମିତି ବୃକ୍ଷ ରୋପଣ କଲ , ସାରମାନେ କହିଲେ ଜଣେ ଲୋକଙ୍କ ସ୍କୁଲ ପାଖ ଜମିରେ ବୃକ୍ଷରୋପଣ କରିବା ଆଉ ଫଟୋ ହୋଇଯିବା ସେଥିପାଇଁ ଗଛ ରୋପିଲୁ। ଏଥିରୁ ଜଣାଯାଏ ଯେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଆମର ମାନବିକତା ଓ ସଚେତନତା କେତେ ? ସାରମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକେ ନେଲେ ଭଲ କିନ୍ତୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କ'ଣ ଥିଲା ଏକ ପ୍ରଶ୍ନବାଚୀ ? ଆମେ ଜୀବଜନ୍ତୁ ସୁରକ୍ଷା କଥା ଭୁଲିଗଲୁ। ଏବେ ସେ ବିଷୟରେ ଆଲୋଚନା କରିବା । ମୋର ମାମୁଁ ଘର ଗାଁ ଯାଇଥାଏ, ମାମୁଁଙ୍କ ଗାଁକୁ ଲାଗି ରହିଥାଏ ଏକ ଜଙ୍ଗଲ , ଗୋଟିଏ ବଡ଼ ବନ୍ଧ ଥାଏ , ଗାଁ ମୁଣ୍ଡରେ ବଡ ବଟବୃକ୍ଷ ଥାଏ। ଗାଁ ଲୋକମାନେ ବର୍ଷାଋତୁରେ ରାତି ୭ଟାରେ ଖାଇ ଆରମ୍ଭ କରି ୮ଟା ପରେ ପରେ ଗାଁର ସମସ୍ତ ପରିବାର ଲୋକେ ଶୋଇ ଯାଆନ୍ତି ଓ ଭୋର ସକାଳ ୪ଟା ଅବା ୪.୩୦ମିନିଟରେ ଉଠି ନିତ୍ୟକର୍ମ ପାଇଁ ବାହାରକୁ ବାହାରି ଯାଆନ୍ତି। ମୋର ୮ଟା ଭିତରେ ଶୋଇବା ଅଭ୍ୟାସ ନ ଥାଏ ମୋ ପ୍ରାୟ ୧୦ ଟାରେ ଶୋଇବା ଅଭ୍ୟାସ ଅଛି। ମାମୁଁ ମତେ କହିଲେ ଭଞ୍ଜା ତମକେ ନିଦ ନାଇ ଲାଗିବାର କି ? ମୁଁ ନାହିଁ ମାମୁଁ ମତେ ୧୦ନାଇ ବାଜିଲେ ନାଇ ନିଦ ଲାଗେ। ମାମୁଁ କହିଲେ,ଚାଲ ଗାଁ ମୁଣ୍ଡକୁ ବୁଲି ଆସିବା। ଟର୍ଚ୍ଚ ଲାଇଟଟିଏ ଧରି ଦୁହେଁ ବାହାରି ଗଲୁ। ଦେଖି ମାମୁଁଙ୍କୁ ପଚାରିଲି, ଏ କଣ ବଟ ବୃକ୍ଷ ଡାଳରେ ଜାଲ ବିଛାଯାଇଛି ? ମାମୁଁ ଉତ୍ତରରେ କହିଲେ, ଭଣଜା ଏହି ଗଛରେ ବାଦୁଡ଼ିଗୁଡ଼ିକ ଆସି ରହନ୍ତି, ତାକୁ ଶିକାର କରିବା ପାଇଁ ଏହି ଜାଲ ବିଛା ଯାଇଛି। ପୁଣି କାଲି ଆମ ଗାଁ ର ଲୋକେ ବଡ ବନ୍ଧ ପାଣି ପିଇ ଆସିଥିବା ବରାହଟିଏ ଶିକାର କରିଥିଲେ। ଜଙ୍ଗଲରୁ ଚାରିଜଣ ଲୋକ ଧରି କାଲି ମାରି ଖାଇଲେ। ତାପରେ ମୁଁ ବୁଝିଗଲି ଏଥିପାଇଁ ହିଁ ଆମର ଜୀବଜନ୍ତୁ ସୁରକ୍ଷା ହୋଇପାରୁ ନାହିଁ। କାହିଁକି ନା ଆମେ ଯେ ପର୍ଯ୍ୟନ୍ତ ନିଜେ ସଚେତନ ନ ହେବୁ ଅନ୍ୟ ଲୋକଙ୍କୁ ସଚେତନ ନ କରିବୁ, ସରକାର ଯେତେ ଆଇନ କାନୁନ କରୁଥିଲେ ହେଁ ଜୀବଜନ୍ତୁ ସୁରକ୍ଷା, ଜଙ୍ଗଲ ସୁରକ୍ଷା ହୋଇପାରିବ ନାହିଁ। ଗ୍ରାମାଞ୍ଚଳ ମାନଙ୍କରେ ଆର୍ଥିକ ଅଭାବ ଦେଖା ଯିବା ଫଳରେ ମାଂସ ଲାଳସା ପାଇଁ ଜୀବଜନ୍ତୁ ମାରି ଖାଇବା ଏକ ଅଭାବନୀୟ ଘଟଣା ଅଟେ। ମଣିଷର ଜନସଂଖ୍ୟା ବୃଦ୍ଧି, ଶିକ୍ଷାର ବିକାଶ ଅଭାବ ଯୋଗୁଁ ସଚେତନତା ଅଭାବ ଦେଖା ଯାଉଛି। ରାଷ୍ଟ୍ରର ଜାତିଆଣ ଭାବ, ଧାର୍ମିକ ଭାବ, କୁସଂସ୍କାର,ଅନ୍ଧ ବିଶ୍ୱାସ ବିକାଶ ପଥରେ ପ୍ରତିବନ୍ଧକ ସାଜୁଛି। ଜଙ୍ଗଲ ନଷ୍ଟ, ଜୀବଜନ୍ତୁ ହ୍ରାସ ପରିବେଶ ସନ୍ତୁଳନ ହୋଇ ପାରୁ ନାହିଁ। ଏଥିପ୍ରତି ସରକାରଙ୍କ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ , ଶିକ୍ଷାର ବିକାଶ ସହ ମାନବିକତା ବିକାଶ ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ।

କୁମ୍ଭାରୀ, ଗୋଲାମୁଣ୍ଡା,
କଳାହାଣ୍ଡି

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday August 10 | ଭୁବନେଶ୍ୱର ରବିବାର, ୧୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ନାରୀ ସୁରକ୍ଷା ପାଇଁ ଥାନା ଅଧିକାରୀଙ୍କ ଜରିଆରେ ଡିଜିଙ୍କୁ ଦାବିପତ୍ର ପ୍ରଦାନ



ଧର୍ମଗଡ଼ (ପି ଏନ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ରେ ଆଜି ଜୁନାଗଡ଼ ବ୍ଲକ ଚେମେଲୀ ଦେବି ଓମେନ୍ସ କଲେଜ ଏବଂ ପି ଆଇ ଡିଗ୍ରୀ କଲେଜ ଛାତ୍ରଛାତ୍ରୀ. ଏନ ଏ ସି ଓ ବିଜେଡି ଶତାଧିକ କର୍ମୀ ନାରୀ ନିର୍ଯ୍ୟାତନା ପ୍ରତିବାଦରେ ନାରୀ ନ୍ୟାୟ, ନାରୀ ସୁରକ୍ଷା ଦାବି ନେଇ ପୋଲିସ ଡିଜିଙ୍କୁ ଜୁନାଗଡ଼ ଥାନା ଅଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ଦେଇଛନ୍ତି।ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀ ମୃତ୍ୟୁ, ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ,ମାଲକାନଗିରି ଗଣଦୁଷ୍କର୍ମ, ନବରଙ୍ଗପୁର ନର୍ସିଂ ଛାତ୍ରୀ ଯୌନ ନିର୍ଯାତନା, ତେନ୍ତୁଳିଖୁଣ୍ଟି ଦୁଷ୍କର୍ମ ଓ ହତ୍ୟା, କୋରାପୁଟ ଆଦିବାସୀ ଛାତ୍ରୀ ଦୁଷ୍କର୍ମ ଭଳି ଅନେକ ମାମଲା ତଥା ବୃଦ୍ଧି ପାଉଥିବା ଦୁଷ୍କର୍ମ ଓ ହତ୍ୟା ଭଳି ଅନେକ ଘଟଣା କୁ ନେଇ ଓ ରାଜ୍ୟରେ ଯୌନ ନିର୍ଯାତନା,ହିଂସା ଓ ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନାରୀ ସୁରକ୍ଷା ଉପରେ ସରକାର ଫେଲ ମାରିଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।ଏହାର ପ୍ରତିବାଦ ସ୍ୱରୂପ ସାପ୍ତାହିକ ବଜାର ପାଖରୁ ଏକ ରାଲି ବାହାରି ଜୁନାଗଡ ଥାନାରେ ପହଁଚି ଡିଜିଙ୍କ ଉଦ୍ଦେଶ୍ୟରେ ଆଇଆଇସି ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।ଏହି ରେଲିରେ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧକ୍ଷା ଶ୍ରୀମତି ସୁବିଧା ମେହେର,ଜୁନାଗଡ ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ଭବାନୀପାଟଣା ଏନ୍‌ଏସି ଅଧକ୍ଷ ଆଦିତ୍ୟ ନନ୍ଦ,ଦିନେଶ ବଗର୍ତ୍ତି ଓ କଲେଜ ଛାତ୍ରଛାତ୍ରୀ, ବିଜେଡି କର୍ମୀ ସାମିଲ ହୋଇ ଥିଲେ।

## ଗୀତା ଜାଗରଣ ପକ୍ଷରୁ ରକ୍ଷା ବନ୍ଧନ ପାଳନ



ଯାଜପୁର,(ପି.ଏନ): ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ଯାଜପୁର ପୌରପାଳିକା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜଗରଣ ପରିଷଦ ପକ୍ଷରୁ ରକ୍ଷା ବନ୍ଧନ ଏବଂ ଗୋ-ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ପ୍ରତିମା କରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜଗନ୍ନାଥ ରକ୍ଷୀ ପୂର୍ଣ୍ଣିମା ଓ ବଳଭଦ୍ରଙ୍କ ତତ୍ୱ ଉପରେ ବକ୍ତାମାନେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର କର୍ମକ ର୍ତ୍ତାଙ୍କ ଉପସ୍ଥିତିରେ ଜଗନ୍ନାଥ, ଭଳଭଦ୍ର ଓ ସୁଭଦ୍ରାଙ୍କୁ ରକ୍ଷା ବନ୍ଧନ କରାଯାଇଥିଲା ଏବଂ ଗୋ-ପୂଜନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାନ୍ତି ଆଜିର କାର୍ଯ୍ୟକ୍ରମ ସହିତ ଆଗାମୀ ଦିନରେ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସେ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ସଭାରେ ଅନୁଷ୍ଠାନର ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଯୋଗଦାନ କରି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଭାରେ ସମ୍ପାଦିକା କା ନବାଳା ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଗୁଣମଣୀ ପାଣିଗ୍ରାହୀ, ଜନାର୍ଦ୍ଦନ ମିଶ୍ର, ଅକ୍ଷୟ ମିଶ୍ର, ହରେକୃଷ୍ଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ରସାବଳୀ ଦିବସ



କେନ୍ଦ୍ରାପଡ଼ା,(ପି.ଏନ):ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପବିତ୍ର ଗହ୍ମାପୂର୍ଣ୍ଣିମା ଓ ବଳଭଦ୍ର ଜନ୍ମ ଦିବସ ଅବସରରେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଥିବା ରୋହିଣୀ ମଣ୍ଡପରେ ଶନିବାର ରସାବଳୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦର ସମ୍ପାଦକ ଉମାଶଙ୍କର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡ. ଚୈତନ୍ୟ ଚରଣ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପଣ୍ଡିତ କୈଳାସ ଚନ୍ଦ୍ର ଦାଶ ବେଦପାଠ କରିଥିଲେ। ସହସମ୍ପାଦକ ଆଶିଷ ମେକାପ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଗୋଲଖ ଚନ୍ଦ୍ର ପଢିଆରୀ ବିବରଣୀ ପାଠ କରିଥିଲେ। ବରିଷ୍ଠ ଆଇନଜୀବୀ ସରୋଜରାଜ ସିଂହ, ଭାଗିରଥୀ ଜେନା, ଚି ରଞ୍ଜନ ଦାସ, ସସ୍ମିତା ପଣ୍ଡା, ମମତାମୟୀ ସାମଲ, ଭକ୍ତପ୍ରିୟ ଦାଶ, ଅରବିନ୍ଦ ସାହୁ, ରବିନାରାୟଣ ପତି, ପ୍ରଦୀପ ମହାନ୍ତି, ପ୍ରଫୁଲ୍ଲ ଦାସ, ଧିରେନ ସାହୁ, ମଣିଭଦ୍ର ମେକାପ ପ୍ରମୁଖ ଶ୍ରୀଜୀଉଙ୍କ ଭୋଗ ରସାବଳୀର ପ୍ରସ୍ତୁତି, ପରମ୍ପରା, ପ୍ରଚାର ପ୍ରସାର ଓ ରସାବଳୀ ଟ୍ୟାଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହିତ ଦୁହୁରିଆରେ ରସାବଳୀ ହବ୍ ପ୍ରତିଷ୍ଠା କରାଯିବା ନେଇ ପୂର୍ବତନ ଜିଲ୍ଲାପାଳଙ୍କ ପ୍ରତିଶୃତିକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଶ୍ରୀଜୀଉଙ୍କ ପରମଭକ୍ତ ତଥା ରାଜ୍ୟର ଜଣେ ସୁନାମଧନ୍ୟ କଣ୍ଠଶିଳ୍ପୀ ଦିବାକର ମହାନ୍ତି, ରସାବଳୀ ଉପରେ ପୁସ୍ତକ ରଚନା କରିଥିବା ଗବେଷକ ନିରଞ୍ଜନ ମେକାପ, ରସାବଳୀର ଜିଆଇ ଟ୍ୟାଗ ପାଇଁ ଆବେଦନ କରିଥିବା 'ରାଇଡ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ କିଶୋର କୁମାର ସାହୁ ଓ ରସାବଳୀ ପ୍ରସ୍ତୁତକାରୀ ସୁନାମଣୀ ସୁଆର, ଅଞ୍ଜନା ସୁଆର, ସୌମେନ୍ଦ୍ର ସାହୁ, ଖଗେଶ୍ୱର ପ୍ରଧାନ, କେଶବ ସାହୁ ଓ କିଶୋର ସାହୁ ପ୍ରମୁଖଙ୍କୁ ଉ ରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଇଡର ସମ୍ପାଦକ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଶ୍ରୀଜୀଉଙ୍କ ମନ୍ଦିର ପରିସରରେ ଥିବା ଭକ୍ତମାନଙ୍କୁ ପରିଷଦ ପକ୍ଷରୁ ରସାବଳୀ ବ ନ କରାଯାଇଥିଲା।

## ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ହେଲେ ଡଃ ବିଶ୍ୱଜିତ୍

ଭୁବନେଶ୍ୱର ,(ପି.ଏନ): ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷତା ତଥା ସାମାଜିକ ନ୍ୟାୟ ପାଇଁ ନିରବଚ୍ଛିନ୍ନ ଅଭିଯାନରେ ଥିବା ଭାରତ ଯୋଡୋ ଅଭିଯାନର ବିହାରର ପାଟନା ଠାରେ ଅନୁଷ୍ଠିତ ତୃତୀୟ ରାଷ୍ଟ୍ରୀୟ ସମ୍ମିଳନୀରେ ବିଶିଷ୍ଟ ଗାନ୍ଧୀବାଦୀ ଡଃ ବିଶ୍ୱଜିତଙ୍କୁ ରାଷ୍ଟ୍ରୀୟ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଭାରତ ଯୋଡୋ ଅଭିଯାନରେ ବିଶିଷ୍ଟ ସମାଜ ବିଜ୍ଞାନୀ ଯୋଗେନ୍ଦ୍ର ଯାଦବ, ବିଜୟ ମହାଜନ, ଉଲକା ମହାଜନ, ବିଜୟ ପ୍ରତାପ, ପ୍ରଫେସର ଅଜିତ ଝା ପ୍ରମୁଖ ରାଷ୍ଟ୍ରୀୟ ସଂଯୋଜକ ରହିଛନ୍ତି। ବିଭିନ୍ନ ଜନ ଆନ୍ଦୋଳନ ସମେତ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ସର୍ବସେବା ସଂଘ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଭଳି ଦେଶର ପ୍ରମୁଖ ଗାନ୍ଧୀବାଦୀ ସଙ୍ଗଠନ ସହ ଜଡିତ ରହି ଡଃ ବିଶ୍ୱଜିତ୍ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଗାନ୍ଧୀ ବିଚାରକୁ ସମଗ୍ର ଦେଶ ତଥା ରାଜ୍ୟରେ ମଜବୁତ କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି। ପାଟନାରେ ଅନୁଷ୍ଠିତ ରାଷ୍ଟ୍ରୀୟ ସମ୍ମିଳନୀରେ ସେ ଭାରତ ଯୋଡୋ ଅଭିଯାନର ରାଷ୍ଟ୍ରୀୟ ସମ୍ପାଦକ ହେବା ପରେ ସମଗ୍ର ଦେଶରେ ସମ୍ବିଧାନ ସୁରକ୍ଷା, ଜାତୀୟ ସଂହତି, ସଦଭାବନା ଓ ଅହିଂସାଭିତ୍ତିକ ଗଣତାନ୍ତ୍ରିକ ଆନ୍ଦୋଳନ ବଳଶାଳୀ ହେବ ବୋଲି ଆଶା ସଞ୍ଚାର ହୋଇଛି। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ସର୍ବୋଦୟ ନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ବାଜିରାଉତ ଛାତ୍ରାବାସର ସଭାପତି ଅନ୍ତର୍ଯ୍ୟାମୀ ବରାଳ, ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସ୍ୱାସ୍ଥ୍ୟ ଅଧିକାର ବିଶେଷଜ୍ଞ ଗୌରାଙ୍ଗ ମହାପାତ୍ର, ପରିବେଶବିତ୍ ଡ଼. ସୁଧୀର ରାଉତ, ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ସ୍ତମ୍ଭକାର ଅମୀୟ ପାଣ୍ଡବ, ସାମାଜିକ କର୍ମୀ ଅମିତାଭ ଜେନା, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜନା ସମିତି ସଦସ୍ୟ ସୂର୍ଯ୍ୟ ନାରାୟଣ ନାଥ, ସାମ୍ୟବାଦୀ ନେତା ଜୟନ୍ତ ଦାସ, ରବି ମଲ୍ଲିକ, କବି ରଘୁନାଥ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ଏକ ପ୍ରେସ ବିଜ୍ଞପ୍ତି ଯୋଗେ ଅଭିନନ୍ଦନ ଜଣାଇଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ

ଭୁବନେଶ୍ୱର,(ପି.ଏନ): ନୀଳାଦ୍ରି ବିହାର ସେକ୍ଟର-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ଆ ଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ହିମାଂଶୁ ଶେଖର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଡା ଶୁଭାଶିଷ ରାଉତ, ବରିଷ୍ଠ ସାମ୍ବାଦିବ ସୁକା' କୁମାର ରାଉତ, ଏଲପିଟିମର ସଭାପତି ରମାକା' ସ୍ୱାଇଁ, ସମ୍ପାଦକ ଅନିରୁଦ୍ଧ ଲେଙ୍କା, ପ୍ରମୋଦ ପରିଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ସହିତ ରକ୍ଷା ବନ୍ଧନ ଉତ୍ସବ କରିଥିଲେ। ସ୍ନେହ, ମମତାର ଡୋରିରେ ବାନ୍ଧି ହୋଇ ସମସ୍ତେ ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଦୀନବନ୍ଧୁ ସିଂହ ସଭା ପରିଚାଳନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ୱେଷଣ ପକ୍ଷରୁ ରକ୍ଷାବନ୍ଧନ ପାଳିତ



ଯାଜପୁର,(ପି.ଏନ): ପବିତ୍ର ରକ୍ଷା ବନ୍ଧନ ଅବସରରେ ଯାଜପୁର ଜିଲ୍ଲା ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାକ୍ଷୀ ପୂର୍ଣ୍ଣିମା କ'ଣ ଓ କାହିଁକି ପାଳନ କରାଯାଇଥାଏ ସେ ସମ୍ପର୍କରେ ଅନୁଷ୍ଠାନର କର୍ମକ ର୍ତ୍ତାମାନେ ନିଜ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ଅନୁଷ୍ଠାନର କୋର କମିଟିର ସଦସ୍ୟା ସୋଭାଗ୍ୟ ତ୍ରିପାଠୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ସହ ସମ୍ପାଦିକା ସକୁନ୍ତଳା ବେହେରା ଓ ବରିଷ୍ଠ ସଦସ୍ୟା ଟୁନି ବେହେରା ଓ ମଧୁସ୍ମିତା ରଥଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ ସଦସ୍ୟମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହିତ ଚନ୍ଦନ, ଦୀପ ବନ୍ଦାଇ ମିଠା ଖୁଆଇ ଭାଇମାନଙ୍କର ମଙ୍ଗଳ କାମନା କରିଥିଲେ। ଏହି ମହାନ ପରମ୍ପରା କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋର କମିଟିର ଅଧକ୍ଷ ସେକ୍ ଅବ୍ଦୁଲ୍ ସାଜିଦ୍ (ଗଦ୍ଦବାବୁ), କୋର କମିଟିର ସଦସ୍ୟ ଶିକ୍ଷାବିତ୍ ଭରତ ଚନ୍ଦ୍ର ବେହେରା, ସୁରଜ କୁମାର ପଣ୍ଡା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, କୋଷାଧକ୍ଷ ଦ୍ୱିଜେନ୍ଦ୍ର କୁମାର ରାଉତ, ବରିଷ୍ଠ ସଦସ୍ୟ କିଶୋର କୁମାର ଦାସ, ଶିଶିର କୁମାର ମହାପାତ୍ର, ରଜତ୍ କୁମାର ମିଶ୍ର, ଜୟ ପ୍ରକାଶ ନାୟକ, ସଚିତାନନ୍ଦ ବେହେରା, ଦାମୋଦର ନନ୍ଦ, ସହ ସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ ଭାଇ ଭଉଣୀମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକ କିଭଳି ସରସ ସୁନ୍ଦର ହୋଇପାରିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପାରାଦୀପ,(ପି.ଏନ): ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ଓଡ଼ିଶାର ପ୍ରସିଦ୍ଧ ପାରାଦୀପ ବିଶ୍ୱକର୍ମା ପୂଜା ଉତ୍ସବ ଶାନ୍ତିଶୃଙ୍ଖଳା ଓ ସଫଳତାର ସହ ପାଳନ କରିବା ପାଇଁ ଗୁରୁବାର ଅପରାହ୍ନ ରେ ସ୍ଥାନୀୟ ସର୍କିଟ ହାଉସ ପରିସରରେ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର,ପାରାଦୀପ ବନ୍ଦର ଭୁସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତା ମାନେ ଉପସ୍ଥିତ ହୋଇ ସାତଦିନ ବ୍ୟାପି ଏହି ପୂଜା ଉତ୍ସବ ର ସଫଳତା ଏବଂ ଅଧିକ ଆକର୍ଷଣୀୟ କରିବା ଉପରେ ଆଲୋଚନା କରିଥିଲେ । ତେବେ ଚଳିତ ବର୍ଷ ଏହି ମହା ପର୍ବରେ ଅନେକ ଜନସମାଗମ ଆଶା କରାଯାଉଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବ କ୍ଷ ସୂଚନାଥାଉକି କିଛି ପୂଜା ମଣ୍ଡପ ଅନୁଷ୍ଠାନ ଜୟଦେବ ସଦନ ଛକ ମୁଖ୍ୟ ପୂଜା ସ୍ଥଳୀ ନିକଟରେ ଟେଣ୍ଟ ବନ୍ଧା କାର୍ଯ୍ୟ ଆରମ୍ଭ କଲେଣି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray